بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 21

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

26 ମଇ 2022 | 26 ହିଜରତ୍ 1401 ହି.ଶ | 24 ଶୱ୍ୱାଲ୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاِذَا جَآءَکَ الَّذِیۡنَ یُؤۡمِنُوۡنَ بِاٰیٰتِنَا فَقُلۡ سَلٰمٌ عَلَیۡکُمۡ کَتَبَ رَبُّکُمۡ عَلٰی نَفۡسِہِ الرَّحۡمَۃَ ۙ اَنَّہٗ مَنۡ عَمِلَ مِنۡکُمۡ سُوۡٓءًۢا بِجَہَالَۃٍ ثُمَّ تَابَ مِنۡۢ بَعۡدِہٖ وَاَصۡلَحَ فَاَنَّہٗ غَفُوۡرٌ رَّحِیۡمٌ

(55: الانعام)

ଅନୁବାଦ- ଏବଂ ଯେଉଁମାନେ ଆମ୍ଭର ନିଦର୍ଶନମାନଙ୍କ ଉପରେ ବିଶ୍ୱାସ କରିଛନ୍ତି ଯେତେବେଳେ ସେମାନେ ତୁମ୍ଭ ନିକଟକୁ ଆସିବେ, ସେତେବେଳେ ତୁମ୍ଭେ (ସେମାନଙ୍କୁ) କୁହ, ''ତୁମମାନଙ୍କ ଉପରେ ସର୍ବଦା ଶାନ୍ତି ହେଉ'', ତୁମର ପାଳନକର୍ତ୍ତା ନିଜ ପକ୍ଷେ (ତୁମମାନଙ୍କ ପାଇଁ) ଏପରି ଅନୁଗ୍ରହକୁ ବିଧିବଦ୍ଧ କରିଛନ୍ତି, ଯଦ୍ୱାରା ତୁମମାନଙ୍କ ମଧ୍ୟରୁ ଯେ ଅଜ୍ଞତାବଶତଃ କୌଣସି ମନ୍ଦକାର୍ଯ୍ୟ କରିବେ, ତା'ପରେ ଅନୁତାପ କରିବ ଏବଂ ନିଜକୁ ସଂଶୋଧନ କରିବ; ତେବେ ସେ (ଅର୍ଥାତ ଅଲ୍ଲାଃ) ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । *(ସୁରଃ ଅଲ ଅନାମ:୫୫)*

## ଅହ୍ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

# ଏପରିକି ଗୋଟିଏ ବୁନ୍ଦା ଲୁହ ମଧ୍ୟ ଦୋଜଖ(ନର୍କ)ରୁ ବଂଚାଇଦିଏ ।

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

### ଏପରିକି ଗୋଟିଏ ବୁନ୍ଦା ଲୁହ ମଧ୍ୟ ଦୋଜଖ(ନର୍କ)ରୁ ରକ୍ଷାକରିଥାଏ ।

**ଯଦି ଅଲ୍ଲାଃତାଲାଙ୍କ ମହାନତା, ଶକ୍ତି ତଥା ତାହାଙ୍କ ଭୟ ହୃଦୟରେ ଥାଏ ଏବଂ ସେଥିରେ ଏକ ପ୍ରକାରର ବିନମ୍ରପୂର୍ଣ୍ଣ ଓ ଆତୁର ନିବେଦନ କରାଯାଇ ଈଶ୍ୱରଙ୍କ ପାଇଁ ଗୋଟିଏ ବୁନ୍ଦା ବି ଆଖିରୁ ଲୁହ ଝରେ, ତାହେଲେ ସେହି(ଲୁହ)ନିଶ୍ଚିତ ରୂପେ ଦୋଜଖ୍ (ନର୍କ)ରୁ ରକ୍ଷାକରିଥାଏ । ତେଣୁ ମଣିଷ ଏଥିରୁ ଧୋକା ନଖାଉ ଯେ ମୁଁ ବହୁତ କାନ୍ଦିଥାଏ । ଏତଦ୍ୱାରା ଆଖି ବିନ୍ଧିବା ଏବଂ ଆଖି ରୋଗରେ ଆକ୍ରାନ୍ତ ହେବା ବ୍ୟତୀତ ଆଉ କିଛି ଲାଭ ହେବ ନାହିଁ ।**

ମୁଁ ତୁମମାନଙ୍କୁ ପରାମର୍ଶ ଦେଉଅଛି ଯେ ଅଲ୍ଲାଃତାଲାଙ୍କ ନିକଟରେ ତାହାଙ୍କ ଭୟରେ କାନ୍ଦିବା, ଦୋଜଖ୍ (ନର୍କ)ରୁ **ରକ୍ଷାକରିଥାଏ । କିନ୍ତୁ ଏହି ବିଳାପ ଓ କ୍ରନ୍ଦନ ସେ ପର୍ଯ୍ୟନ୍ତ ଭାଗ୍ୟରେ ଆସିନଥାଏ ଯେପର୍ଯ୍ୟନ୍ତ** ଈଶ୍ୱରଙ୍କୁ ଈଶ୍ୱର ତଥା ତାହଙ୍କ ରସୁଲଙ୍କୁ ରସୁଲ୍ ଏବଂ ତାହାଙ୍କ ସଚ୍ଚା ପୁସ୍ତକ ଉପରେ କୌଣସି ଜ୍ଞାନ ପ୍ରାପ୍ତ ନହୋଇଛି । ନା କେବଳ ଜ୍ଞାନ ବରଂ ତାହା ଉପରେ ବିଶ୍ୱାସ ନରଖାଯାଇଅଛି । ବୈଦ ଯେତେବେଳେ ରୋଗୀକୁ ଜୁଲାବ ଦେଇଥାଏ, ଧିରେ ଧିରେ ତା ଶରୀରରୁ ମଳ ନିର୍ଗତ ହୋଇଥାଏ । କିନ୍ତୁ ଯେପର୍ଯ୍ୟନ୍ତ ଯକୃତରୁ ମଳ ନିର୍ଗତ(ଅର୍ଥାତ ଖୋଲା ଖୋଲି ଭାବରେ ଅନ୍ତନଳୀ ଭିତରୁ ସବୁ ମଳ ନିର୍ଗତ) ନହୋଇଛି ସେପର୍ଯ୍ୟନ୍ତ ରୋଗ ଉପଶମ ହୋଇନଥାଏ । ସେ ତା ସହିତ ସମସ୍ତ ମଇଳା ଓ ରଦ୍ଦି ଜିନିଷକୁ ନିଜ ସହିତ ବହି ଆଣିଥାଏ ଓ ପ୍ରତ୍ୟେକ ପ୍ରକାରର ସଂକ୍ରମଣ ତଥା ବିଷାକ୍ତ ଜିନିଷ, ଯାହା ରୋଗୀକୁ ଭିତରୁ ଭିତରୁ ଅସ୍ଥିର ଓ ଚିନ୍ତିତ କରି ରଖିଥିଲା ,ସେସବୁ ତାହା ସହିତ ବାହାରିଯାଇଥାଏ । ତାପରେ ହିଁ ରୋଗୀକୁ ଉପଶମ ମିଳିଥାଏ । ଠିକ ସେହି ଭଳି ଅଲ୍ଲାଃଙ୍କ ନିକଟରେ କରାଯାଇଥିବା ବୁକୁ ଫଟା ବିଳାପ ପତ୍ୟେକ ପ୍ରକାରର ଶାରିରୀକ ତଥା ମାନସିକ କଳୁଷତା ଓ ଅପରିସ୍କାର ଜିନିଷକୁ ବାହାର କରି ତାକୁ ପରିସ୍କାର କରିଦିଏ । ଅହଲୁଲ୍ଲାହ (ଅର୍ଥାତ ଈଶ୍ୱର ଭକ୍ତ) *ମାନଙ୍କ ଗୋଟିଏ ବୁନ୍ଦା ଲୁହ ଯାହା ତୌବତୁନ୍ ନସୁହ୍ (ଅର୍ଥାତ ସତପଶ୍ଚାତାପ) କରିବା ସମୟରେ ଝରିଥାଏ ତାହା ଜଣେ ବୁଦ୍ଧି ଜ୍ଞାନ ରଖିଥିବା ଲୋକ ତଥା ଚାଲାକ ଲୋକଦେଖାଣିଆ ଏବଂ ଅନ୍ଧକାର ଭିତରେ ବୁଡି ରହିଥିବା ଲୋକ ଦ୍ୱାରା ଲହୁର ନଦୀ ଝରାଇଦେବାଠାରୁ ଶ୍ରେୟସ୍କର ଓ ଉତମ । କାରଣ ତାହା (ଅର୍ଥାତ ଈଶ୍ୱର ଭକ୍ତ ମାନଙ୍କ ଲୁହ ଝରାଇବା) ଈଶ୍ୱରଙ୍କ ପାଇଁ ଥିଲା ଏବଂ ଏହା ଲୋକମାନଙ୍କ ପାଇଁ ବା ନିଜ ପାଇଁ ଥିଲା । ଏକଥାକୁ କେବେ ନିଜ ମନଭିତରୁ ବାହାରକରି ଫୋପାଡି ଦିଅ ନାହିଁ ଯେ ଖୁଦାତାଲାଙ୍କ ନିକଟରେ ନିଷ୍ଠା ଏବଂ ସତ୍ୟବାଦିତାର ବହୁତ ମାନ ସନ୍ମାନ ରହିଛି । ଲୋକଦେଖାଣିଆ ଏବଂ ମନଗଢା କାମ ତା ନିକଟରେ କିଛି ବି କାମ ଦେଇପାରେ ନାହିଁ ।*

*(ମଲଫୁଜାତ୍ ଗ୍ରନ୍ଥ ଖଣ୍ଡ-୧ ପୃ-୩୭୧ ମୁଦ୍ରିତ କାଦିଆନ୍ ୨୦୧୮)*

## ନବୀ ସ:ଆ:ସଙ୍କ ବାଣୀ

### ରମଜାନ୍ ମାସରେ ଛାଡିଯାଇଥିବା ରୋଜା

*(୧୯୫୦) ଅବୁ ସଲମାଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ :-ମୁଁ ହଜରତ୍ ଆଇଶା ର ଅ ଙ୍କଠାରୁ ଶୁଣିଛି , ସେ କହୁଥିଲେ :-ମୋ ପାଇଁ ରମଜାନ୍ ମାସର ରୋଜାରୁ ଯଦି କିଛି ରୋଜା ରହିଯାଉଥିଲା , ମୁଁ ତାହା ଶାବାନ୍ ମାସରେ ପୂରଣ କରୁଥିଲି । ୟହ୍ୟା କୁହନ୍ତି :-ସେ (ଅର୍ଥାତ ହଜରତ୍ ଆଇଶା ର ଅ )ନବି ସ ଆ ସ ଙ୍କ ସେବାରେ ବ୍ୟସ୍ତ ରହୁଥିଲେ ।*

### ଇଫତାର୍ କରିବାର ସମୟ

*(୧୯୫୪) ହଜରତ୍ ଉମର୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ ଯେ:-* ଯେତେବେଳେ ଏପଟେ ରାତି ଆସିଯିବ ଓ ସେପଟେ ଦିନ ପିଠି ଫେରାଇ ଚାଲିଯିବ ଏବଂ ସୂର୍ଯ୍ୟ ଅସ୍ତ ହୋଇଯିବ ସେତେବେଳେ ରୋଜା ରଖିଥିବା ବ୍ୟକ୍ତି ଇଫ୍ତାର୍ କରିସାରିଥିବ ।

### ଇଫ୍ତାର୍ ଶୀଘ୍ର କରିବା ଉଚିତ

*(୧୯୫୭) ହଜରତ୍ ସହଲ୍ ବିନ୍ ସାଆଦ୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ* କହିଲେ:-ଲୋକମାନେ ସେ ପର୍ଯ୍ୟନ୍ତ କଲ୍ୟାଣରେ ରହିବେ ଯେ ପର୍ଯ୍ୟନ୍ତ ସେମାନେ ଶୀଘ୍ର ଶୀଘ୍ର ଇଫ୍ତାର୍ କରୁଥିବେ ।

*(ସହି ବୁଖାରୀ, ଖଣ୍ଡ-୩, କିତାବୁସ୍ ସୌମ୍, ମୁଦ୍ରିତ କାଦିଆନ୍ ୨୦୦୮)*

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

କରିଦେଇଥିଲି । ବାକି ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା ହେବ ।

ବର୍ତମାନ ମୁଁ କିଛି ମରହୁମୀନ୍ ମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଓ ସେମାନଙ୍କର ଜନାଯାଃ ନମାଜ ପରେ ପଢାଇବି । ପ୍ରଥମ ଜଣକ ହେଉଛନ୍ତି ଶ୍ରୀମାନ ମୁହମ୍ମଦ୍ ବଶିର୍ ଶାଦ୍ ସାହେବ୍ । ସେ ରିଟାଏଡ୍ ମୁରବୀ ସିଲସିଲା ଥିଲେ । ଆଜିକାଲି ସେ ଆମେରିକାରେ ଥିଲେ । ୯୧ ବର୍ଷ ବୟସରେ ସେ ମୃତ୍ୟୁ ବରଣ କଲେ । ***ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍*** । ତାଙ୍କ ବାପା ଙ୍କୁ ୧୯୨୬ ମସିହାରେ ବୟତକରିବାର ସୌଭାଗ୍ୟ ମିଳିଥିଲା । ୧୯୪୫ ମସିହାରେ ସେ ମିଡିଲ ପାସ କରିବା ପରେ ମଦର୍ସା ଅହେମଦୀୟାରେ ପ୍ରବେଶ କରିଥିଲେ । ୧୯୫୨ ମସିହାରେ ଫାଜିଲ୍ ଆରବୀ ପରିକ୍ଷା ଦେଇଥିଲେ । ସେଥିରେ ଭଲ ପୋଜିଶନରେ ପାସ କଲେ । ୧୯୪୫ ମସିହାରେ ଜାମିଅତୁଲ୍ ମୁବଶିରିନ୍ ରବୁଓ୍ୱାରୁ ଶାହିଦ ଡିଗ୍ରୀ ହାସଲ କଲେ । ପୁଣି ଗୋଟିଏ ବର୍ଷ ଚିକିତ୍ସା ବିଦ୍ୟା ଗ୍ରହଣ କଲେ । ୧୯୫୬-୧୯୫୭ ପର୍ଯ୍ୟନ୍ତ ଓ୍ୱକାଲତେ ତବଶିର୍ ରବଓ୍ୱାରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ୧୯୫୮ ମସିହାରେ ସେ ସିରିଆଲିଓନ୍ ଚାଲିଗଲେ । ସେଠାକୁ ସେ ମୁବଲ୍ଲିଗ ଭାବରେ ଗଲେ । ସେଠାରେ ତାଙ୍କୁ ବିଭିନ୍ନ ସ୍ଥାନରେ ସେବାକରିବାର ସୌଭାଗ୍ୟ ମିଳିଲା । ସିରିଆଲିଓନରେ ସେ ପ୍ରେସ୍ ଜାରି କରିଥିଲେ । ପୁଣି ସେଠାରୁ ତାଙ୍କର ବଦଳି ନାଇଜେରିଆ ହୋଇଗଲା । ସେଠାରେ ବି ସେ ବହୁତ ଭଲ କାମ କରିଛନ୍ତି । ପୁଣି ତିନି ବର୍ଷ ପରେ ୧୯୬୪ ତାଙ୍କୁ ନାଇଜେରିଆରୁ ଡକାଗଲା । ୧୯୬୭ ମସିହାରେ ସେ ବେନିନ୍ ଦେଶକୁ ତବଲିଗ୍ କରିବା ପାଇଁ ଗସ୍ତରେ ଗଲେ । ସେଠାରେ ସ୍ଥାନିୟ ଲୋକମାନଙ୍କୁ ତବଲିଗ୍ କରି ସେମାନଙ୍କର ବୟତ କରାଇବାର ସୌଭାଗ୍ୟ ଅଲ୍ଲାଃତାଲା ପ୍ରଦାନ କଲେ । ୧୯୭୦ ମସିହାରେ ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ)ରହେମହୁଲ୍ଲାଃ ତାଲା ଙ୍କ ଆଫ୍ରିକା ଗସ୍ତ ସମୟରେ ଯେବେ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ)ରହେମହୁଲ୍ଲାଃ ତାଲା କାନୁ ଠାରେ ପଦାର୍ପଣ କଲେ , ସେ ୧୦୦ ଜଣ ନୁଆ ଅହେମଦୀମାନଙ୍କର ଉପହାର ହଜୁରଙ୍କ ସେବାରେ ପେଶ କଲେ । ଏଥିରେ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ)ରହେମହୁଲ୍ଲାଃ ତାଲା ବହୁତ ଖୁସି ବ୍ୟକ୍ତ କଲେ । ଦୁଆ କରାଇଲେ । ପୁଣି ନିଜର ପବିତ୍ର ପଗଡି ବି ବଶିର୍ ଶାଦ୍ ସାହେବଙ୍କୁ ପ୍ରଦାନ କଲେ । ୧୯୭୦ ମସିହାରେ ଯେବେ ସେ ସେଠାରୁ ଲେଉଟିଲେ , ତାଙ୍କୁ ଉମରାଃ କରିବାର ସୌଭାଗ୍ୟ ପ୍ରପ୍ତ ହୋଇଥିଲା । ୧୯୮୩ ମସିହାରେ ତାଙ୍କର ପୋଷ୍ଟିଂ ସେକ୍ରେଟାରୀ ମଜଲିସ୍ କାରପରଦାଜ୍ ବେହେଶ୍ତି ମକ୍ବରାଃ ରବଓ୍ୱା ରୂପେ ହେଲା । ୧୯୮୪ ମସିହାରେ ଆମ ଜମାଅତ୍ ବିରୁଦ୍ଧରେ ଯେଉଁ ଅର୍ଡିନାନ୍ସ ଜାରି କରାଯାଇଥିଲା , ତା ପରେ ଯେବେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ(ଚତୃଥ)ରହେମହୁଲ୍ଲାଃ ତାଲା ଙ୍କୁ ହିଜ୍‌ରତ୍ କରିବାକୁ ପଡିଥିଲା , ସେତେବେଳେ ହିଜରତ୍ ପୂର୍ବରୁ ହଜରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୃଥ) ରହେମହୁଲ୍ଲାଃ ତାଲାଙ୍କ ଉପସ୍ଥିତିରେ ଯେଉଁ ଖୁତବା ଥିଲା , ତାଙ୍କୁ ଦେବାର ସୌଭାଗ୍ୟ ମିଳିଥିଲା । ଏ ଦୃଷ୍ଟି କୋଣରୁ ତାଙ୍କର ଏହି ଇତିହାସରେ ବି ଚର୍ଚ୍ଚା ଉଲ୍ଲେଖ ରହିଛି । ୧୯୮୮ ମସିହାରେ ନିଜସ୍ୱ ପରିସ୍ଥିତି ଯୋଗୁଁ ସେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ(ଚତୃଥ)ରହେମହୁଲ୍ଲାଃ ତାଲା ଙ୍କ ଗୋଚରେ ରିଟାଏଡମେଂଟ୍ ର ନିବେଦନ କଲେ ଓ ତାହା ଗ୍ରହଣ କରାଗଲା । ପୁଣି ସେ ଆମେରିକା ଚାଲିଗଲେ । ତାଙ୍କ ପରିବାରରେ ତାଙ୍କ ପତ୍ନୀ ଶ୍ରୀମତୀ ନସରିନ୍ ଅଖତର୍ ଶାଦ୍ ସାହିବା ,ଗୋଟିଏ ପୁଅ ଏବଂ ଚାରିଜଣ ଝିଅ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନ ମାନଙ୍କୁ ମଧ୍ୟ ପୁର୍ଣ୍ଣ ଆନ୍ତରିକତାର ସହିତ ଜମାଅତ୍ ତଥା ଖିଲାଫତ୍ ସଙ୍ଗେ ଯୋଡି ରଖନ୍ତୁ ।

ପରବର୍ତୀ ବ୍ୟକ୍ତି ହେଉଛନ୍ତି ଡାଃ ମହମୁଦ୍ ଅହମଦ୍ ଖ୍ୱାଜା ସାହେବ୍ ଆଫ୍ ଇସଲାମାବାଦ ନିବାସୀ । ତାଙ୍କର ବିଗତ ଦିନରେ କାଳ ହୋଇଯାଇଛି । ***ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍*** ତାଙ୍କ ବୟସ ଥିଲା ୭୮ ବର୍ଷ । ସେ ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ । ତାଙ୍କ ପରିବାରରେ ଅହେମଦୀୟତ୍ ତାଙ୍କ ବାପା ଖ୍ୱାଜା ମୁହମ୍ମଦ୍ ଶରିଫ୍ ସାହେବ୍‌ଙ୍କ ଜରିଆରେ ଆସିଥିଲା । ସେ ଗୋଟିଏ ସ୍ୱପ୍ନ ଆଧାରରେ ହଜରତ୍ ଖଲିଫା ସାନି ର ଅ ଙ୍କ ଖିଲାଫତ୍ ସମୟରେ ବୟତ କରିଥିଲେ । ସେ ବହୁତ ପୁଣ୍ୟ ସ୍ୱଭାବର ଥିଲେ । ସେଇଥିପାଇଁ ତାଙ୍କର ବାକି ପରିବାର ଲୋକେ ଜମାଅତର ବିରୋଧି ହୋଇଥିବା ସତ୍ୱେ ବି ଅଲ୍ଲାଃତାଲା ତାଙ୍କୁ ତିନି ଥର ସ୍ୱପ୍ନରେ ହଜରତ୍ ମସିହ୍ ମଉଦ ଆ ସ ଙ୍କ ବୟତ କରିବାକୁ ହୁକୁମ୍ କରିଥିଲେ । ପରିଶେଷରେ ସେ ବୟତ ହିଁ କରିନେଲେ ।

ଡାଃ ମହମୁଦ୍ ଅହମଦ୍ ଖ୍ୱାଜା ସାହେବ୍ ନିଜର ପ୍ରାରମ୍ଭିକ ଶିକ୍ଷା ପେଶାଓ୍ୱରରୁ ହାସଲ କରିଥିଲେ । ପୁଣି ୧୯୭୩ ମସିହାରେ ଲାଟ୍ରବେ ୟୁନିଭରସିଟି ମେଲବର୍ଣ୍ଣ ଅଷ୍ଟ୍ରେଲିୟା ରୁ ପି ଏଚ୍ ଡି ଡିଗ୍ରୀ ହାସଲ କଲେ । ପାକିସ୍ତାନରେ ଓ ବିଦେଶରେ ମଧ୍ୟ ବିଭନ୍ନ ୟୁନିଭରସିଟି ମାନଙ୍କରେ ପଢାଉଥିଲେ । ଘାନାରେ କେପ୍ କୋଷ୍ଟ ୟୁନିଭରସିଟି ରେ ଯେବେ ପଢାଉଥିଲେ , ସେଠାରେ ମୋ ସହିତ ତାଙ୍କର ପରିଚୟ ହୋଇଥିଲା । ମୁଁ ଏହା ଦେଖିଛି ଯେ ସେ ଜଣେ ଅତ୍ୟନ୍ତ ସଦା ମିଜାଜର ଓ ବିନମ୍ର ମଣିଷଟିଏ ଥିଲେ । ସେ ବହୁତ ଭଲ ଗବେଷକ ଥିଲେ । ପାକିସ୍ତାନରେ ଓ ବିଦେଶରେ ମଧ୍ୟ ତାଙ୍କର ରିସର୍ଚ୍ଚ ସ୍କଲାର ଭାବରେ ବହୁତ ସମ୍ମାନିତ । ଚୌଧୁରୀ ଇକରାମୁଲ୍ଲାଃ ସାହେବ ଙ୍କ ଝିଅ ଅମତୁଲ୍ କୟୁମ ସାହିବାଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି ।

ଡାଃ ମହମୁଦ୍ ଅହମଦ୍ ଖ୍ୱାଜା ସାହେବ୍ ଙ୍କୁ ନୁସରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ୧୯୭୯ ମସିହାରୁ ୧୯୮୪ ମସିହା ପର୍ଯ୍ୟନ୍ତ ସିରିଆଲିଓନ୍ ରେ ନିଜ ପତ୍ନୀଙ୍କ ସହିତ ଓ୍ୱକ୍‌ଫ୍ କରିବାପାଂଇ ସୌଭାଗ୍ୟ ମିଳିଛି । ତାଙ୍କ ପୁଅ ଡାଃ ତାରିକ୍ ଅହମଦ୍ ଖ୍ୱାଜା ସାହେବ କହିଛନ୍ତି ଯେ ରମଜାନ୍ ମାସରେ ବିଶେଷ ଭାବରେ ପବିତ୍ର କୁରଆନ୍ ଅନୁବାଦ ସହିତ ବହୁତ ଅନୁଧ୍ୟାନ କରି ଗଭୀର ଅନିଚିନ୍ତା କରି ପଢୁଥିଲେ । ସେ ଏକଥାରେ ବହୁତ ଜୋର୍ ଦେଉଥିଲେ ଯେ ଖୁଦା ତାଲା ଓ ତାହାଙ୍କ ରସୁଲ ଏବଂ ଖଲିଫାଙ୍କ ଆଦେଶାବଳୀ ଗୁଡିକୁ ଠିକ୍ ସେହିପରି ଉପସ୍ଥାପନ କରିବା ଉଚିତ । ଶବ୍ଦର ମାମୁଲି ଭୂଲ ଯୋଗୁଁ ବି ଭୂଲ ଅର୍ଥ ହୋଇଯାଇପାରେ । ଇସଲାମାବାଦର ଜିଲ୍ଲା ଅମୀର ଅବ୍ଦୁଲ୍ ବାରି ସାହେବ ଲେଖଛନ୍ତି ଯେ ମତେ ବି ଏବଂ ଖ୍ୱାଜା ସାହେବଙ୍କୁ ବି ନୁସରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ଏକା ସାଙ୍ଗରେ ଖିଦ୍‌ମତ୍ କରିବାର ସୌଭାଗ୍ୟ ମିଳିଥିଲା । ପାକିସ୍ତାନ ଫେରିଆସିବା ପରେ ସେ ପ୍ରଥମେ ସରକାରୀ ଦଫତର୍ ରେ ଚାକିରି କଲେ । ତାପରେ ଇସଲାମାବାଦ୍ ଶିଫ୍ଟ ହୋଇଗଲେ । ଯେଉଁଠି ଏସ୍ ଡି ପି ଆଇ ରେ ସାମିଲ୍ ହୋଇଗଲେ । ସେ ସେହି ସଂଗଣ୍ଠନରେ ବହୁତ ପ୍ରଶିଦ୍ଧ ହୋଇଗଲେ । ପଶିଦ୍ଧି ମିଳିବା ସତ୍ୱେ ବି ସେ ବହୁତ ଆନ୍ତରିକତାର ସହିତ କାମ କଲେ । ସେ ଖାଇବା ଜିନିଷ ଇତ୍ୟାଦି ବିଉଟି ପ୍ରଡକ୍ଟସ ରେ ମହଜୁଦ ଥିବା କେମିକାଲ୍‌କୁ ନିଶେଷ କରିବାପାଇଁ କାମ କରିଛନ୍ତି । ଏହି କାମ ଯୋଗୁଁ ଆନ୍ତର୍ଯାତୀୟ ସ୍ତରରେ ବହୁର ପ୍ରଶିଦ୍ଧି ହାସଲ୍ କରିଛନ୍ତି । ଏବଂ ଏ ପ୍ରସଙ୍ଗରେ ଅନେକ ପୁସ୍ତକ ରଚନା କରିଛନ୍ତି । ଯେବେ ବି କୌଣସି ପୁସ୍ତକ ରଚନା କରୁଥିଲେ , ସେହି ପୁସ୍ତକର ଗୋଟିଏ ନକଲ କାପି , ବାରି ସାହେବ କହୁଛନ୍ତି ଯେ ,ସେ ମତେ ପଠାଉଥିଲେ । ସେ କୁହନ୍ତି ଏବେ ବି ମୋ ନିକଟରେ ତାଙ୍କର ଅନେକ ପୁସ୍ତକ ମହଜୁଦ ଅଛି । ସେ ଅତ୍ୟନ୍ତ ନିଷ୍ଠାବାନ୍ ଅହେମଦୀ ଥିଲେ । ଖିଲାଫତ୍ ସହିତ ତାଙ୍କର ପ୍ରେମଭରା ସମ୍ପର୍କ ଥିଲା । ସବଦା ଖୁଦାମ ମାନଙ୍କ ପ୍ରଶିକ୍ଷଣ ନିମନ୍ତେ ସେମାନଙ୍କ ଦୃବଳତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଥିଲେ ।

ଡାଃ ଖ୍ୱାଜା ମହମୁଦ୍ ସାହେବ୍ ଙ୍କ ସମ୍ବନ୍ଧରେ ପାକିସ୍ତାନ ବ୍ୟତୀତ ଜର୍ମାନୀ , ସ୍ୱୀଡେନ୍ , ବୁର୍କିନା ଫାସୋ , ଆମେରିକା , ଆଜରବାଇଜାନ୍ , ସ୍ୱିଜରଲ୍ୟାଣ୍ଡ , ନାଇଜେରିଆ , ମିଶର୍ , ବାହରିନ୍ ଏବଂ ବହୁତଗୁଡିଏ ଦେଶର ବୈଜ୍ଞାନିକମାନେ ତଥା ସରକାରୀ ମନ୍ତ୍ରାଳୟର ପ୍ରତିନିଧିମାନେ ଏବଂ ୟୁନିଭରସିଟିଗୁଡିକର ଚ୍ୟାନ୍ସଲର୍ ଓ ପ୍ରଫେସରମାନେ , ସିଭିଲ୍ ସୋସାଇଟି ର ଏନ୍ ଜି ଓ ଗୁଡିକର ସଭାପତିମାନେ ସମବେଦନା ବାର୍ତା ପଠାଇଥିଲେ । ସେମାନଙ୍କର ବହୁ ମାତ୍ରାରେ ବାର୍ତା ଆସିଥିଲା । ମତେ ବି ତାଙ୍କ ସନ୍ତାନମାନେ ପଠାଇଛନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଦୁଇଟି ବାର୍ତା ପଢିଦେଉଛି ।

ମିଷ୍ଟର୍ ଚାର୍ଲସ୍ ଜି ବ୍ରାଉନ୍ ଓ୍ୱାର୍ଲଡ ଆଲାଏନ୍ସ ଫର୍ ମରକ୍ୟୁରି ଫ୍ରୀ ଡେନଟିସ୍ତ୍ରୀ ଓ୍ୱସିଂଟନ୍ ଡି ସି ଆମେରିକା ଲେଖିଛନ୍ତି ଯେ ଡାଃ ଖ୍ୱାଜା ମହମୁଦ୍ ସାହେବ୍ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଅନନ୍ୟ ବ୍ୟକ୍ତି ଥିଲେ ଏବଂ ବହୁତ ଉତମ ସମାଜସେବକ ଥିଲେ । ଆଧୁନିକ ବିଜ୍ଞାନ ତଥା ବିଷାକ୍ତ ପଦାର୍ଥ ଉପରେ ତାଙ୍କର ଚମତ୍କାର ଲେଖା ସ୍କଲାରଶିପ୍‌କୁ ଉନ୍ନତି ଦେବାପାଂଇ ଏବଂ ସରକାରୀ ତଥା ନିଜି ବିଭାଗକୁ କାମର ମୌଳିକ ବୃତି ଉପଲବ୍ଧ କରାଇବା ପାଂଇ ବହୁତ ଗୁରୁତ୍ୱପୁର୍ଣ୍ଣ । ଆନ୍ତର୍ଯାତୀୟ ସଂଗଠନ ଜରିଆରେ କାମକରୁଥିବା ତାଙ୍କର ଅନେକ ଦଶକ ଉପରେ ପର୍ଯ୍ୟବେଶିତ ପ୍ରଚେଷ୍ଟା ଜାତିମାନଙ୍କ ଭିତରେ ଚୁକ୍ତିକୁ କାର୍ଯ୍ୟକାରୀ କରିବାପାଇଁ , ସିଭିଲ୍ ସୋସାଇଟି ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ପାକିସ୍ତନରେ ବିଷାକ୍ତ ବସ୍ତୁ ଗୁଡିକୁ କମ୍ କରିବା ପାଇଁ ସାହାଯ୍ୟ କରିଛନ୍ତି । ତାଙ୍କୁ ୨୦୧୯ ମସିହାରେ ପି ବି ସି ର ଆଓ୍ୱାର୍ଡ ମିଳିଥିଲା । ଡାଃ ଖ୍ୱାଜା ମହମୁଦ୍ ସାହେବ୍ ଙ୍କ କାର୍ଯ୍ୟ ଗୁଡିକ ମଧ୍ୟରେ ଆନ୍ତର୍ଯାତୀୟ ଚିକିତ୍ସା ସଂଗଠନର ସଭାପତି ହେବା ବି ସାମିଲ୍ ଅଛି । ସେ ଏପର୍ଯ୍ୟନ୍ତ ଚୟନ ହୋଇଥିବା ସଭାପତି ମାନଙ୍କ ମଧ୍ୟରୁ ଏକା ଡାକ୍ତର ଅଟନ୍ତି ଯିଏ ଜଣେ ଫିଜିଶିଅନ୍ ନଥିଲେ ବରଂ ଜଣେ ପି ଏଚ୍ ଡି ଡାକ୍ତର ଥିଲେ ।

ଏହିପରି ଅନେକ ବୈଜ୍ଞାନିକ ତାଙ୍କର ପ୍ରଶଂସା କରିଛନ୍ତି । ସେମାନଙ୍କ ମଧ୍ୟରେ ଜର୍ମାନୀରୁ ତଥା ସ୍ୱିଜରଲ୍ୟାଣ୍ଡରୁ ବୁ ଡାକ୍ତରମାନେ ସାମିଲ୍ ଅଛନ୍ତି । ଅଲ୍ଲାଃତାଲା ମରହୁମ୍ ଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ , ତାଙ୍କ ପରିବାରବର୍ଗକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କ ପୁଣ୍ୟଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।"

⌘⌘⌘⌘⌘⌘⌘⌘⌘⌘

**ଜଣେ ଖାଦିମଙ୍କୁ ଅତି କମରେ ପାଂଚବେଳା ନମାଜକୁ ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବାଜମାଅତ୍ (ସାମୁହିକ)ପାଠକରିବା ଉଚିତ୍ । ମୁଣ୍ଡ ବଡେଇବାର ନାହିଁ । ଜଣେ ଖାଦିମ୍ ଯେତେବେଳେ ଗମ୍ଭୀରତାର ସହିତ ନମାଜ୍ ପଢିନେବ ସେତେବେଳେ ବୁଝିନେବ ଯେ ସେ ସବୁକିଛି କରିନେଇଛି ।**

**ହଜରତ୍ ଈସା ଆ ସ ଙ୍କ ହିଜରତ୍ କରିବା କଥାତ ଠିକ୍ କିନ୍ତୁ ତାଙ୍କର ଫ୍ରନ୍ସ ଆଡକୁ ହିଜରତ୍ କରିବା କଥା ଠିକ୍ ନୁହେଁ । କାରଣ ସେ ଯୁଗରେ ଫ୍ରନ୍ସରେ ତାଙ୍କ ଅନୁଯାୟୀ ମାନଙ୍କର କୌଣସି ଜମାଅତ୍ ନଥିଲା । ବରଂ ତାଙ୍କର କବିଲାଗୁଡିକ ତ କାଶ୍ମୀର ଇଲାକା ରେ ଥିଲେ । ଅତେବ୍ ସେହି କାଶ୍ମୀର ଆଡକୁ ସେ ହିଜରତ୍ କରିଥିଲେ ।**

**ପବିତ୍ର କୁରଆନ୍‌ରେ ଏ ନିର୍ଦ୍ଦେଶ ରହିଛି ଯେ ଅତତଲାକୁ ମର୍‌ରତାନି । ଏହା ବହୁତ ସ୍ପଷ୍ଟ ଓ ଏହାର ଅର୍ଥ ହେଉଛି ଏପରି କି ଏମିତି ତଲାକ ଯେଉଁଥିରେ ରୁଜୁ ହୋଇପାରିବ ତାହା କେବଳ ଦୁଇ ଥର ହୋଇପାରେ ।**

**ସେହିପରି ଦୁଇଥର ତଲାକ ଦେବା ପରେ ଯଦି ସ୍ୱାମୀ ତା ପତ୍ନୀକୁ ତୃତୀୟ ତଲାକ ଦେଇଦିଏ ତାହିଲେ ଏହି ତୃତୀୟ ତଲାକ୍ ପରେ ସେହି ସ୍ୱାମୀର ତା ପତ୍ନୀ ସହିତ ସୁଲାହ କରିବାର ଆଉ କୌଣସି ଅଧିକାର ବାକି ରହିଯାଏ ନାହିଁ । ନା ଇଦତ୍ ଭିତରେ ବିନା ନିକାହ୍ ରେ ଓ ନା ଇଦତ୍ ଶେଷ ହେବାରେ ନିକାହ୍ କରି ସେ ତା ପତ୍ନୀ ସହିତ ଘର ବସାଇପାରିବ । ଯେପର୍ଯ୍ୟନ୍ତ ସେହି ମହିଳା ଜଣକ ଅନ୍ୟ କୌଣସି ପୁରୁଷକୁ ନିୟମିତ ଭାବରେ ନିକାହ୍ ନ କରିଛି ।**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

### ଭାଗ-୧୧

ପ୍ରଶ୍ନ- ଜଣେ ମହିଳା ହଜୁର୍ ଅନୱ୍ୱର୍ ଅ ବ ଅ ଙ୍କ ଗୋଚରରେ ଲେଖି ଏହା ଜାଣିବାକୁ ଚାହିଁଲେ ଯେ ଯଦି ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ସେମାନଙ୍କ ବିବାହିତ ସମୟ ଅବଧିରେ ତିନି ଥର ତଲାକ୍ ହୋଇଯାଏ , ତାହେଲେ ତୃତୀୟ ତଲାକ୍ ପରେ ସୁଲାହ୍ କରିବାର କଣ ଉପାୟ ଅଛି ? ଏହି ପ୍ରଶ୍ନର ଉତର ଦେଇ ହଜୁର ଅନୱ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ଉଲ୍ଲେଖ କରିଲେ:-

ଉତର-ପବିତ୍ର କୁରଆନ୍‌ରେ ଏ ନିର୍ଦ୍ଦେଶ ରହିଛି ଯେ **ଅତତଲାକୁ ମର୍‌ରତାନି ।** ଏହା ବହୁତ ସ୍ପଷ୍ଟ ଓ ଏହାର ଅର୍ଥ ହେଉଛି ଏପରି କି ଏମିତି ତଲାକ ଯେଉଁଥିରେ ରୁଜୁ ହୋଇପାରିବ ତାହା କେବଳ ଦୁଇ ଥର ହୋଇପାରେ । ତା ପରେ ଅଲ୍ଲାଃ ତାଲା କହିଲେ **-ଫଇନ୍ ତଲ୍ଲକହା ଫଲା ତହିଲ୍ଲୁ ଲହୁ ମିନ୍ ବାଅଦୁ ହତ୍‌ତା ତନ୍‌କିହା ଯୌଜନ୍ ଗୈରହୁ** ଅର୍ଥାତ:- ଏହିପରି ଦୁଇଥର ତଲାକ ଦେବା ପରେ ଯଦି ସ୍ୱାମୀ ତା ପତ୍ନୀକୁ ତୃତୀୟ ତଲାକ ଦେଇଦିଏ ତାହିଲେ ଏହି ତୃତୀୟ ତଲାକ୍ ପରେ ସେହି ସ୍ୱାମୀର ତା ପତ୍ନୀ ସହିତ ସୁଲାହ କରିବାର ଆଉ କୌଣସି ଅଧିକାର ବାକି ରହିଯାଏ ନାହିଁ । ନା ଇଦତ୍ ଭିତରେ ବିନା ନିକାହ୍ ରେ ଓ ନା ଇଦତ୍ ଶେଷ ହେବାରେ ନିକାହ୍ କରି ସେ ତା ପତ୍ନୀ ସହିତ ଘର ବସାଇପାରିବ । ଯେପର୍ଯ୍ୟନ୍ତ ସେହି ମହିଳା ଜଣକ ଅନ୍ୟ କୌଣସି ପୁରୁଷକୁ ନିୟମିତ ଭାବରେ ନିକାହ୍ ନ କରିଛି । **ପୁଣି ସେହି ସ୍ୱାମୀ ଜଣକ ଉକ୍ତ ମହିଳାକୁ ବିନା କୌଣସି ଯୋଜନା କରି ଯଦି ତଲାକ ଦେଇଦିଏ ତାହେଲେ ସେହି ମହିଳାର ପ୍ରଥମ ସ୍ୱାମୀ ତାକୁ ପୁଣି ନିକାହ୍ କରିପାରିବ ।**

ସୁତରାଂ ଆପଣଙ୍କ କହିବା ଅନୁସାରେ ଏବେ ଏହି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପ୍ରକାରର ସୁଲାହ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ **ହତ୍‌ତା ତନ୍‌କିହା ଯୌଜନ୍ ଗୈରହୁ** ସର୍ତ ପୂରଣ ନହୋଇଛି ।

ପଶ୍ନ - ଜଣେ ମହିଳା ଲେଖିଲେ ଯେ ଯଦି କୌଣସି ଗୈର୍ ଅହେମଦୀ (ଅଣ ଅହେମଦୀ )ମୁସଲମାନ୍ ମତେ କୌଣସି ଗୈର୍ ଅହେମଦୀ ଆଲିମଙ୍କ ଦ୍ୱରା ଲେଖାଯାଇଥିବା ତଫ୍‌ସୀର୍ ସମ୍ବନ୍ଧରେ ପଚାରନ୍ତି ତାହେଲେ ମତେ ତାଙ୍କୁ କେଉଁ ତଫସୀର୍ ପଢିବା ପାଇଁ କହିବା ଠିକ୍ ହେବ ? ଏହି ପ୍ରଶ୍ନର ଉତର ଦେଇ ହଜୁର ଅନୱ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ଉଲ୍ଲେଖ କରିଲେ:-

ଉତର- ପୁରୁଣା ବୁଜୁର୍ଗମାନଙ୍କର ସମସ୍ତ ତଫସୀର୍ ଭଲ । ଆପଣଙ୍କ ଜାଣିବା ପାଇଁ କିଛ ତଫସୀର୍ ପୁସ୍ତକର ନାମ ଲେଖିଦେଉଛି । ଉଦାହରଣସ୍ୱରୂପ ତୃତୀୟ ସଦି ହିଜ୍‌ରୀ ରେ ଲେଖାଯାଇଥିବା ତଫସୀର୍ ହେଉଛି ତିବ୍‌ରୀ ଯହାର ପୁରା ନାମ ହେଉଛି ''ଜାମିଉଲ୍ ବୟାନ୍ ଫି ତାୱ୍ୱିଲୁଲ୍ କୁର୍‌ଆନ୍'' ଯାହାକୁ ଅବୁ ଜାଫର୍ ମୁହମ୍ମଦ୍ ବିନ୍ ହରିର୍ ବିନ୍ ୟଜିଦ୍ ବିନ୍ କସିରୁଲ୍ ତିବ୍‌ରୀ ଲେଖିଛନ୍ତି । ଷଷ୍ଠ ସଦି ହିଜରୀରେ ଇମାମ୍ ଅବୁ ଅବ୍‌ଦୁଲ୍ଲାଃ ମୁହମ୍ମଦ୍ ଫଖ୍‌ରୁଦ୍ଦିନ୍ ଇବନେ ଖତିବୁର୍ ରାଜି ଙ୍କ ଦ୍ୱାରା ଲିଖିତ ତଫସୀର୍ ''ମଫାତିହୁଲ୍ ଗୈବ୍'' ପ୍ରଶିଦ୍ଧ ''ଅଲ୍ ତଫସୀରୁଲ୍ କବୀର୍''ହେଉଛି ବହୁତ ଭଲ ତଫସୀର୍ । ସପ୍ତମ ସଦି ହିଜରୀରେ ଲେଖାଯାଇଥିବା ତଫସୀର୍ '' ଅଲ୍‌ଜାମେଉଲ୍ ଅହକାମୁଲ୍ କୁରଆନ୍ ''ପ୍ରଶିଦ୍ଧ''ତଫ୍‌ସୀର୍ କରତବୀ''ପ୍ରଶିଦ୍ଧ ଆଲିମ୍ ଅବୁ ଅବ୍‌ଦୁଲ୍ଲାଃ ମୁହମ୍ମଦ୍ ବିନ୍ ଅହମଦ୍ ବିନ୍ ଅବୁବକର୍ ଅଲମାରୁଫ୍ ଇମାମ୍ କରତବୀ ରଚନା କରିଛନ୍ତି । ଏତଦବ୍ୟତୀତ ତଫ୍‌ସୀର ଜଲାଲିନ୍ ,ତଫ୍‌ସୀର ଇବନେ କସିର୍ ଏବଂ ତଫ୍‌ସୀର ରୁହୁଲ୍ ମାଆନୀ ଇତ୍ୟାଦି ତଫ୍‌ସୀର ବହୁତ ଭଲ ତଥା ପଢିବା ଯୋଗ୍ୟ ତଫସୀର୍ ମାନ ରହିଛି ।

ପ୍ରଶ୍ନ- ଜଣେ ବନ୍ଧୁ କିଛି ଲୋକଙ୍କ ତରଫରୁ ପଚରାଯାଇଥିବା ସେହି ପ୍ରଶ୍ନ ବାବତରେ ଅନୱ୍ୱର୍ ଅ ବ ଅ ଙ୍କଠାରୁ ମାର୍ଗଦର୍ଶନ ଚାହିଁଲେ ଯେ ଘାନା ଦେଶର ପରିସ୍ଥିତିକୁ ଆଖିଆଗରେ ରଖି , ଯେଉଁଠି ଏପରି ଗୈର ଅହେମଦୀ ଇମାମ୍ ବି ଅଛନ୍ତି ଯେଉଁମାନେ ହଜରତ୍ ମସିହ୍ ମଉଦ୍ ଆ ସ ଏବଂ ଅହେମଦୀୟତ୍‌କୁ ସଚ୍ଚା ଓ ଉତମ ଇସଲାମ୍ ଭାବରେ ଜାଣୁଛନ୍ତି ଓ ସେମାନେ ଆମର ବିରୋଧ ବି କରୁନାହାନ୍ତି କିନ୍ତୁ କୌଣସି ବିବଶତା କାରଣରୁ ଅହେମଦୀୟତ୍‌କୁ ଗ୍ରହଣ କରିପାରୁନାହାନ୍ତି , ତାହେଲେ ଏପରି ଲୋକ ବା ଏପରି ଇମାମ ମାନଙ୍କ ପଛରେ ନମାଜ୍ ପାଠକରିବା କଣ ଉଚିତ ହେବ କି ? ଏହି ପ୍ରଶ୍ନର ଉତର ଦେଇ ହଜୁର ଅନୱ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ଉଲ୍ଲେଖ କରିଲେ:-

ଉତର-ସୟଦନା ହଜରତ୍ ମସିହ୍ ମଉଦ ଆ ସ ଗୈର ଅହେମଦୀ ଇମାମ୍ ଙ୍କ ପଛରେ ନମାଜ ନପଢିବା ପ୍ରସଙ୍ଗରେ ସବିଶେଷ ଆଲୋଚନା କରିଛନ୍ତି । ଆପଣ ଆ ସ ଆମମାନଙ୍କ ନିମନ୍ତେ ଏ ପ୍ରସଙ୍ଗରେ ବିଭିନ୍ନ ପାର୍ଶ୍ୱରୁ ଆଲୋକପାତ କରିଛନ୍ତି । ଅତେବ ଗୋଟିଏ ଅବସରରେ ଏମିତି ଲୋକମାନଙ୍କ ବିଷୟରେ ଚର୍ଚ୍ଚା ହେଲା ,ଯେଉଁମାନେ ନାତ ଅବଜ୍ଞାକାରୀ ଥିଲେ ଓ ନା ମିଥ୍ୟାବାଦୀ ଥିଲେ । ତେଣୁ ସେମାନଙ୍କ ପଛରେ ନମାଜ ପଢିବା ବିଷୟରେ ପଚରାଯିବାରୁ ସୟଦନା ହଜରତ୍ ମସିହ୍ ମଉଦ ଆ ସ କହିଲେ :- ''ଯଦି ସେମାନେ କପଟୀ ବିଶ୍ୱାସୀ ହୋଇ ଏମିତି ନକରୁଛନ୍ତି ଯେମିତି କିଛି ଲୋକମାନଙ୍କର ଅଭ୍ୟାସ ହୋଇଥାଏ ଯେ (ବା ମୁସଲମାନ୍ ଅଲ୍ଲାଃ ଅଲ୍ଲାଃ ବାବର୍‌ହମନ୍ ରାମ୍ ରାମ୍)ତାହେଲେ ସେମାନେ ଇସ୍ତେହାର୍ ଦେଇଦିଅନ୍ତୁ ଯେ ନା ତ ଆମେ ହେଉଛୁ ମିଥ୍ୟାବାଦୀ ଓ ନା ତ ଆମେ ଅବଜ୍ଞାକାରୀ (ବରଂ ପୁଣ୍ୟବାନ୍ ତଥା ୱ୍ୱଲିଉଲ୍ଲାଃ ବୋଲି ଜାଣୁଅଛୁ)ଏବଂ ମିଥ୍ୟାବାଦୀମାନଙ୍କୁ କାଫିର୍ (ଅର୍ଥାତ ଅବିଶ୍ୱାସକାରୀ) ବୋଲି ଏଇଥିପାଇଁ ଜାଣୁଅଛୁ ଯେ ସେହି ମିଥ୍ୟାବାଦୀମାନେ ଜଣେ ମୋମିନ୍ (ବିଶ୍ୱାସକାରୀ)ଙ୍କୁ କାଫିର୍ କହୁଛନ୍ତି ଓ କାଫିର୍ ଭାବୁଛନ୍ତି । ତାହେଲେ ଆମେ ଏହା ଜାଣିବୁ ଯେ ସେମାନେ ସତ କହଛନ୍ତି । ଅନ୍ୟଥା ଆମେ ସେମାନଙ୍କ କଥାକୁ କିପରି ବିଶ୍ୱାସ କରିପାରିବୁ ଏବଂ ସେମାନଙ୍କ ପଛରେ

ନମାଜ ପଢିବା ପାଇଁ କେମିତି ଆଦେଶ ଦେଇପାରିବୁ ? ନରମ ସମୟରେ ନରମ ଏବଂ କଠୋରତା ଅବଲମ୍ବନ କରିବା ଅବସରରେ କଠୋର ହେବା ଉଚିତ୍ । ଫିରଔନ୍ ନିକଟରେ ଏକ ପ୍ରକାରର ଭଦ୍ରାମି ଥିଲା । ସେହି ଭଦ୍ରାମି ଯୋଗୁଁ ତା ମୁହଁରୁ ଏପରି କଲିମା (ବାକ୍ୟ) ବାହାରିଲା , ଯାହା ଶହ ଶହ ବୁଡିଯାଉଥିବା ଲୋକମାନଙ୍କ ମୁହଁରୁ ବାହାରି ନଥିଲା । ତାହା ଏପରି ଥିଲା ***ଆମନ୍ତୁ ଅନ୍ନହୁ ଲାଇଲାହା ଇଲ୍ଲଲ୍ଲଜି ଆମନତ୍ ବିହି ବନୁ ଇସ୍ରାଇଲ୍ ।*** ସୁତରାଂ ତାସହିତ ନମ୍ର ଆଚରଣ କରାଗଲା । ***କୁଲା ଲହୁ କୌଲଲ୍ ଲୈୟିୟିନା*** । ଅନ୍ୟପଟେ ନବି କରିମ୍ ସ ଆ ସ ଙ୍କୁ ଅଲ୍ଲାଃ ତାଲା କହିଲେ ***ୱ୍‌ଗଲୁଜ୍ ଆଲୈହିମ୍*** । ଜଣାପଡୁଛି ସେହି ଲୋକମାନଙ୍କ ଭିତରେ ବିଲକୁଲ୍ ଭଦ୍ରାମି ନଥିଲା । ସୁତରାଂ ଏମିତି ଆପତିକାରୀଙ୍କ ସହିତ ସ୍ପଷ୍ଟ କଥା ହେବା ଉଚିତ ଯେ ସେମାନଙ୍କ ହୃଦୟରେ ଯେଉଁ ମଇଳା ଜମା ହୋଇ ଲୁଚି ରହିଯାଇଅଛି ତାହା ବାହାରିଆସୁ ....''(ଅଖବାର୍ ବଦର୍ ନଂ-୧୬ ଖ-୭ ୨୩ ଏପ୍ରିଲ୍ ୧୯୦୮ ପୃ-୪)

ପ୍ରଶ୍ନ -ଜଣେ ମହିଳା ହଜରତ୍ ମସିହ୍ ମଉ୍ ଦ୍ ଆ ସ ଙ୍କ ପୁସ୍ତକ ''ତୌଜିଇଏ ମରାମ୍'ପ୍ରସଙ୍ଗରେ ଫରିସ୍ତାମାନଙ୍କର ଚନ୍ଦ୍ର ,ସୂର୍ଯ୍ୟ ତଥା ତାରାମାନଙ୍କ ଉପରେ ପ୍ରଭାବ ପକାଇବା ବିଷୟରେ ,ଏବଂ ଫରିସ୍ତାମାନଙ୍କ ସଶରୀରେ ପୃଥିବୀ ରେ ଅବତୀର୍ଣ୍ଣ ହେବା ସମ୍ବନ୍ଧରେ ହଜୁର୍ ଅନୱର୍‌ଙ୍କଠାରୁ ମାର୍ଗଦର୍ଶନ ଚାହିଁଲେ । ଏହି ପ୍ରଶ୍ନର ଉତର ଦେଇ ହଜୁର ଅନୱର୍ ଅ ବ ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ଉଲ୍ଲେଖ କରିଲେ:-

ଉତର- ହଜୁର ଅନୱର୍ ଅ ବ ଅ କହିଲେ : ହଜରତ୍ ମସିହ୍ ମଉଦ୍ ଆ ସ ନିଜର ସେହି ପୁସ୍ତକରେ ଫରିସ୍ତାମାନଙ୍କର ନକ୍ଷତ୍ରମାନଙ୍କ ଉପରେ ପ୍ରଭାବଶାଳୀ ହେବା ,ସୂର୍ଯ୍ୟ,ଚନ୍ଦ୍ର , ତାରାମାନଙ୍କର ଆମ ପୃଥିବୀ ଉପରେ ଥିବା ବୃକ୍ଷଲତା ,ଜୀବଜନ୍ତୁ ଏବଂ ପଶୁପକ୍ଷୀ ମାନଙ୍କ ଉପରେ ପ୍ରଭାବ ପକାଇବା ଏବଂ ଫରିସ୍ତାମାନଙ୍କର ମଣିଷମାନଙ୍କ ଉପରେ ଆଧ୍ୟାତ୍ମିକ ପ୍ରଭାବ ପଡିବାର ବିଷୟବସ୍ତୁ ଉପରେ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ସୁତରାଂ ଫରିସ୍ତାମାନଙ୍କର ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାନଙ୍କ ଉପରେ ପ୍ରଭାବ ପଡିବା ବିଷୟବସ୍ତୁ ର ସାରାଂସ ହେଉଛି ଏହା କି ଫରିସ୍ତାମାନେ ସେହି ନକ୍ଷତ୍ରମାନଙ୍କ ଉପରେ ଖୁଦାତାଲା ଙ୍କ ଅନୁମତିରୁ ସୁସଂଗଠିତ କରିରଖିଛନ୍ତି । ସେହି ଜ୍ୟୋତିର୍ବିଜ୍ଞାନୀୟ ସତା ଉପରେ ସେମାନଙ୍କର ପ୍ରଭାବ ନିଜସ୍ୱ ନୁହେଁ ବରଂ ଅଲ୍ଲାଃତାଲାଙ୍କ ଅନୁମତି ତଥା ଆଦେଶାନୁସାରେ ହୋଇଥାଏ । .........

***କ୍ରମଶଃ***

*********

## ୧୮ ମାର୍ଚ୍ଚ ୨୦୨୨ ଖୁତବା

## ଜୁମାର ଅବଶିଷ୍ଟାଂଶ

ବର୍ତମାନ ମୁଁ ଜଣେ ମରହୁମ୍ ଅର୍ଥାତ ସ୍ୱର୍ଗତଙ୍କର ଉତମ ଜୀବନୀ ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ଚଳିତ ମାସରେ ବିୟୋଗ ଘଟିଛି । ନମାଜ ଜୁମା ପରେ ତାଙ୍କ ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ଅତଏବ ସେ ହେଲେ ମୌଲାନା ମୁବାରକ ନଜିର ଅହେମଦ୍ ସାହେବ ଯିଏ କି ଜାମିୟା ଅହେମଦିୟା କାନାଡ଼ାର ଅଧକ୍ଷ ରହିଥିଲେ, କାନାଡ଼ାର ମୁବଲ୍ଲିଗ୍ ଇନ୍‌ଚାର୍ଜ ମଧ୍ୟ ରହିଥିଲେ । ମାର୍ଚ୍ଚ ମାସ ୮ ତାରିଖ ଦିନ ତାଙ୍କର ୮୭ ବର୍ଷ ବୟସରେ ପରଲୋକ ଘଟିଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ୱ୍‌ସିୟତ କରିଥିଲେ । ଅତ୍ୟନ୍ତ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ ଓ ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ବହୁତ ପ୍ରାର୍ଥନାକାରୀ ଓ ମିତବ୍ୟୟୀ ବ୍ୟକ୍ତି ଥିଲେ । ସେ ଜଣେ ସରଳ ଓ ସନ୍ଥ ଜୀବନଯାପନ କରୁଥିବା ବ୍ୟକ୍ତି ଥିଲେ । ତାଙ୍କୁ ଦେଖି ମୁଁ ସର୍ବଦା ଅନୁଭବ କରୁଥିଲି ଯେ ଯେମିତି ମୁଁ ଜଣେ ପ୍ରକୃତ ବୁଜୁର୍ଗ (ସନ୍ଥ)କୁ ଦେଖୁଅଛି ଓ ସେ ଥିଲେ ଯେପରି ଜଣେ ପ୍ରକୃତ ସମ୍ମାନୀତ ବ୍ୟକ୍ତିତ୍ୱର ଅଧିକାରୀ ।

ମୁଁ ସ୍ୱର୍ଗତଙ୍କ ବଂଶ ପରିଚୟ ପ୍ରସଙ୍ଗରେ କିଛିଟା ଚର୍ଚ୍ଚା କରିଦେବାକୁ ଚାହୁଁଛି ଯେ ସେ ଆମ ସିଲ୍‌ସିଲାର ସଫଳ ମୁବଲିଗ୍ ମୌଲାନା ନଜିର୍ ଅହ୍‌ମଦ୍ ଅଲୀ ସାହେବ୍ ମୌଲାନା ନଜିର୍ ଅହ୍‌ମଦ୍ ଅଲୀ ସାହେବ୍ ଏବଂ ସମ୍ମାନନୀୟା ଆମେନା ବେଗମ୍ ସାହିବାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । ତାଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ଜେଜ ହଜରତ ବାବୁ ଫକିର ଅଲୀ ସାହେବଙ୍କ ମାଧମରେ ଆସିଥିଲା । ବାବୁ ଫକିର ଅହେମଦ୍ ସାହେବ୍ ହଜରତ ମସିହ ମଉଦ ଆ:ସଙ୍କ ହସ୍ତରେ ବୟତ କରିଥିଲେ । ପରବର୍ତୀ ସମୟରେ ସେ କାଦିୟାନ୍‌ର ପ୍ରଥମ ଷ୍ଟେସନ ମାଷ୍ଟର ରୂପେ ନିଯୁକ୍ତ ହୋଇଥିଲେ । କାଦିୟାନ୍‌ରେ ହିଁ ତାଙ୍କ ଜେଜେଙ୍କ ବାସଭବନ ରହିଥିଲା ଯାହାକି ଫକିର ମନ୍‌ଜିଲ୍ ନାମରେ ପରିଚିତ ଥିଲା । ମୌଲାନା ମୁବାରକ ନଜିର ସାହେବଙ୍କୁ ପିତା ହଜରତ ମୌଲାନା ନଜିର ଅହମଦ ଅଲୀ ସାହେବଙ୍କୁ ହଜରତ ମୁସ୍‌ଲେହ ମଉଦ ଆ:ସଙ୍କ ଆଦେଶ କ୍ରମେ ୧୯୨୯ ମସିହାରେ ପ୍ରଥମେ ଘାନାରେ ଧର୍ମ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ପରବର୍ତି ସମୟରେ ତାଙ୍କର ନିଯୁକ୍ତି ସେରେଲିଓନ୍ ଦେଶରେ ହୋଇଥିଲା । ୧୯୪୩ ମସିହାରେ ତାଙ୍କର ପିତା ମୌଲାନା ନଜିର ଅହ୍‌ମଦ୍ ଅଲୀ ସାହେବ୍ ପୂନର୍ବାର ସେରେଲିଓନ୍‌ରୁ ଯାଉଥିବା ସମୟରେ ଏକ ବିଶ୍ୱାସବର୍ଦ୍ଧକ ଘଟଣା ଘଟିଥିଲା, ମୁବାରକ ନଜିର୍ ଅହ୍‌ମଦ୍ ଅଲୀ ସାହେବ୍ ମଧ୍ୟ ନିଜ ମାଆ ଓ ବାପାଙ୍କ ସହିତ ସିରିଆଲିଓନ୍ ଯାଉଥିଲେ । ମୌଲାନା ନଜିର ସାହେବ ଏହାର ଚର୍ଚ୍ଚା କରିଛନ୍ତି ଯେ ଏହି ଯାତ୍ରା ତିନି ମାସର ସାମୁଦ୍ରିକ ଯାତ୍ରା ଥିଲା । ସେତେବେଳେ ମୌଲାନା ମୁବାରକ ନଜିର ସାହେବଙ୍କର ବୟସ ମାତ୍ର ୧୧ ବର୍ଷ ହୋଇଥିଲା । ଯାତ୍ରା ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭୀଷଣ ରୂପେ ବିଗିଡ଼ି ଗଲା । ରୋଗର ଏପରି ଲକ୍ଷଣ ପ୍ରକାଶ ପାଇଲା ଯେ, ଜଣାପଡୁଥିଲା ଯେମିତି ମୌଲାନା ମୁବାରକ ନଜିର ସାହେବ ଆଉ ବଂଚିବେ ନାହିଁ । ସେ ଯାହା ହେଉ ନା କାହିଁକି ମୌଲାନା ମୁବାରକ ନଜିର ସାହେବ ଜାହାଜରେ ଚଢ଼ିଲା ବେଳକୁ ଅସୁସ୍ଥ ହୋଇସାରିଥିଲେ । ଜାହାଜର ପ୍ରଶାସନ ତାଙ୍କର ଏପରି ଅବସ୍ଥା ଦେଖି ତାଙ୍କ ପିତାଙ୍କୁ କହିଲେ ଆପଣଙ୍କ ପୁତ୍ର ଅଧମରା ଓ ମୃତ ପ୍ରାୟ ହୋଇଗଲାଣି ତେଣୁ ଯାତ୍ରା ସମୟରେ ଯଦି ଆପଣଙ୍କ ପୁତ୍ରର ମୃତ୍ୟୁ ଘଟେ ତେବେ ଆମ ନିକଟରେ ଶବକୁ ଅଧିକ ସମୟ ସୁରକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାରର କୌଣସି ସୁବିଧା ଉପଲବ୍ଧ ନାହିଁ ତେଣୁ ଆପଣଙ୍କ ପୁଅଙ୍କ ଯୋଗୁଁ ଆମେ ଆପଣଙ୍କୁ ନେଇଯାଇପାରିବୁ ନାହିଁ । ମୌଲାନା ସାହେବ ବାରମ୍ବାର ଜୋର୍ ଦେଇ କହିଲେ ଯେ ମୋତେ ଖଲିଫା ସାନି ର:ଅଙ୍କ ଆଦେଶ ମିଳିଛି ଯେ କୌଣସି ପରିସ୍ଥିତିରେ ହେଉ ନା କାହିଁକି ଜାହାଜରେ ଆରୋହଣ କରିବି । ପୁନଶ୍ଚ ଜାହାଜର ପ୍ରଶାସନ ତାଙ୍କୁ ଜାହାଜରେ ଆରୋହଣ କରିବା ନିମନ୍ତେ ଏହି ସର୍ତ ରଖିଲେ ଯେ ସେ ଏହା ଲେଖିକି ଦିଅନ୍ତୁ ଯେ ଯଦି ତାଙ୍କ ପୁଅ ମରିଯାଏ, ତା'ହେଲେ ଏପରି ସ୍ଥଳେ ତାଙ୍କ ପୁଅର ଶବକୁ ଜାହାଜର ପ୍ରଶାସନ ସମୁଦ୍ରର ବକ୍ଷ ମଧ୍ୟକୁ ଫୋପାଡ଼ିବାର ଅଧିକାର ରଖିବ । ସୁତରାଂ ତାଙ୍କୁ ଜାହାଜର କ୍ୟାପ୍‌ଟେନ୍ ଯେତେବେଳେ ଏଭଳି କଥା କହିଲା ସେତେବେଳେ ମୌଲାନା ମୁବାରକ ନଜିର ସାହେବଙ୍କ ମାତା କାନ୍ଦି ପକାଇଲେ ଏବଂ ମୌଲାନା ନଜିର୍ ଅହ୍‌ମଦ୍ ଅଲୀ ସାହେବଙ୍କୁ କହିଲେ ଏ ଆମର ପୁତ୍ର, ଆମେ ଏହା କିଭଳି କରିପାରିବା ତେଣୁ ଆମେ ଅନ୍ୟ ଜାହାଜକୁ ଧରିବା ବା ଅନ୍ୟ ଜାହାଜରେ ଚାଲିଯିବା । ମୌଲାନା ନଜିର ସାହେବ ନିଜର ପତ୍ନୀକୁ ଆଶ୍ୱାସନା ଦେଲେ ଯେ ମୁଁ ଜଣେ ମୁବଲିଗ୍ ଯାହାଙ୍କୁ ହଜରତ ମୁସ୍‌ଲେହ ମଉଦ ର:ଅ ଏଠାକୁ ପ୍ରେରଣ କରିଛନ୍ତି ଏବଂ ତାଙ୍କ ଆଦେଶ କ୍ରମେ ଏଠାରୁ ଆମେ ବାହାରିଛେ ତେଣୁ ଅନ୍ୟ ଜାହାଜ କେତେବେଳେ କଣ ମିଳିବ କୌଣସି ଠିକଣା ନାହିଁ ତେଣୁ ଧୈର୍ଯ୍ୟ ଧର ମୁବାରକକୁ କିଛି ହେବ ନାହିଁ । ଏହା କହି ମୌଲାନା ନଜିର ଅହ୍‌ମଦ୍ ଅଲୀ ସାହେବ ଜାହାଜର କ୍ୟାପଟେନ୍‌କୁ ଆତ୍ମ ବିଶ୍ୱାସ ଭରା ଭଙ୍ଗୀରେ କହିଲେ କ୍ୟାପଟେନ୍ ସାହେବ ! ଦେଖନ୍ତୁ କାଗଜ ଆଣନ୍ତୁ ଓ କେଉଁଠି ଦସ୍ତଖତ କରିବାର ଅଛି କୁହନ୍ତି ମୁଁ କରିଦେଉଛି । ଏହାପରେ ନଜିର ଅଲୀ ସାହେବ କ୍ୟାପଟେନ୍‌କୁ ଅଧିକନ୍ତୁ କହିଲେ ମୋର ପୁତ୍ରର ଯଦି ବିୟୋଗ ଘଟେ ତା'ହେଲେ ଆପଣଙ୍କୁ ଏହି ଅଧିକାର ପ୍ରାପ୍ତ ହେବ ଯେ ଆପଣ ତା ଶବକୁ ସମୁଦ୍ର ଗର୍ଭକୁ ଫିଙ୍ଗି ଦେବେ କିନ୍ତୁ ତତ୍‌ସହିତ ମୁଁ ଆପଣଙ୍କୁ ଏହା ମଧ୍ୟ

କହିଦେବାକୁ ଚାହେଁ ଯେ ମୋ ପୁତ୍ରର କୌଣସି ଅନିଷ୍ଟ ହେବ ନାହିଁ ସୁତରାଂ ଏହା ହିଁ ହେଲା । ମୌଲାନା ନଜିର ସାହେବଙ୍କର ଅଲ୍ଲାଃ ତାଲାଙ୍କ ସତା ଉପରେ ଅଗାଢ଼ ଭରଷା ରହିଥିଲା ସେ କୁହନ୍ତି ଯେ ମୁଁ ଜଣେ ଜୀବନ ଉତ୍ସର୍ଗକାରୀ ଲୋକ, ଅଲ୍ଲାଃ ତାଲାଙ୍କ ଧର୍ମ ପ୍ରଚାର ପାଇଁ ଘରୁ ବାହାରିଛି ତେଣୁ ଅଲ୍ଲାଃ ତାଲା ମତେ ଅବଶ୍ୟ ସାହାଯ୍ୟ କରିବେ ଏବଂ ମୋର ପରିବାରର ରକ୍ଷା କରିବେ । ସୁତରାଂ ସେହି ୧୧ ବର୍ଷିୟ ବାଳକଟି ନା କେବଳ ଜୀବିତ ରହିଲା ବରଂ ସେହି ବାଳକଟି ୮୭ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘାୟୁ ହେଲା । ତାହାକୁ ଇସ୍‌ଲାମ୍ ଓ ଅହେମଦୀୟତର ସେବା କରିବାର ଏଭଳି ସୌଭାଗ୍ୟ ପ୍ରାପ୍ତ ହେଲା ଯାହାକି ଖୁବ୍ କମ୍ ଲୋକଙ୍କୁ ମିଳିଥାଏ । ନିଜ ପୁର୍ବ ପୁରୁଷଙ୍କ ପଦାଙ୍କ ଅନୁସରଣ କରି ସେ ନିଜକୁ ଜଣେ ଜୀବନ ଉତ୍ସର୍ଗକାରୀ ଭାବରେ ସମର୍ପିତ କରିଦେଲେ ଏବଂ ଧର୍ମ ସେବା କ୍ଷେତ୍ରରେ ସ୍ୱୟମ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସବିଶେଷ ସେବା ସମ୍ପାଦନ କଲେ ।

ସ୍ୱର୍ଗତ ମୁବାରକ ନଜିର ସାହେବଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏହା କୁହାଯାଏ ଯେ, ସ୍ୱର୍ଗତ ମୁବାରକ ନଜିର ସାହେବ ଗ୍ରାଜୁଏଶନ୍ କରିବା ପରେ ତାଙ୍କୁ ସରକାରି କାର୍ଯ୍ୟାଳୟରେ ଭଲ ଚାକିରିଟିଏ ମଧ୍ୟ ମିଳିଥିଲା । ଯେଉଁଠି ସେ କିଛି କାଳ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ ଆଉ ଯେତେବେଳେ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ଆହ୍ୱାନକୁ ଅଲ୍‌ଫଜଲ୍ ଖବର କାଗଜରେ ପଢ଼ିଲେ ଯେ ୱକ୍‌ଫ୍ କରନ୍ତୁ । ତାହା ଅସ୍ଥାୟି ୱକଫ୍ ହେଉ ପଛକେ ୱକଫ୍ କରନ୍ତୁ । ଅର୍ଥାତ ୱକ୍‌ଫେ ଆର୍ଜି ପାଇଁ ଆହ୍ୱାନ ଦେଲେ । ଅତଏବ୍ ସେ ଏହି ଘୋଷଣାକୁ ପଢ଼ିବା ପରେ ତୁରନ୍ତ ନିଜ କାର୍ଯ୍ୟରୁ ଇସ୍ତଫା ଦେଇ ୱକ୍‌ଫେ ଆର୍ଜି ପାଇଁ ଉପସ୍ଥିତ ହୋଇଯାଇଥିଲେ । ହଜରତ ଖଲିଫତୁଲ୍ ମସିହ ସାନି ର:ଅଙ୍କ ନିର୍ଦ୍ଦେଶ କ୍ରମେ ୧୯୬୩ ମସିହାରେ ପ୍ରଥମ ଥର ପାଇଁ ୱକ୍‌ଫେ ଆର୍ଜି ନିମନ୍ତେ ସେରେଲିଓନ୍ ଚାଲି ଯାଇଥିଲେ । ସେଠାରେ ମୁବାରକ ନଜିର ସାହେବ ନିଜ ପିତାଙ୍କ ସମାଧି ଅର୍ଥାତ କବର ନିକଟରେ ସର୍ବପ୍ରଥମେ ଉପସ୍ଥିତ ହୋଇଥିଲେ ଏବଂ ସେଠାରେ ଅର୍ଥାତ ସେରେଲିଓନ୍‌ରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସୁତରାଂ ମୁବାରକ ନଜିର ସାହେବ ଯେତେବେଳେ ସେରେଲିଓନ୍‌ଠାରେ ପହଂଚିଲେ ସେତେବେଳେ ସେ ଯେପରି କି ମୁଁ କହି ଆସିଲି ସର୍ବପ୍ରଥମେ ନିଜ ପିତାଙ୍କ କବର ନିକଟରେ ଉପସ୍ଥିତ ହେଲେ ଏବଂ ନିଜ ପିତାଙ୍କର ସେହି ଶବ୍ଦାବଳୀଗୁଡ଼ିକୁ ମନେପକାଇଲେ ଯାହା ମୌଲାନା ନଜିର ଅହେମଦ୍ ଅଲୀ ସାହେବ ନଭେମ୍ବର ମାସ ୨୬ ତାରିଖ ଦିନ ୧୯୪୫ ମସିହାରେ ନିଜର ଗୋଟିଏ ଆଧ୍ୟାତ୍ମିକ ବକ୍ତୃତାରେ ଉପସ୍ଥାପନ କରିଥିଲେ । ସ୍ୱର୍ଗତ ନଜିର ଅଲୀ ସାହେବ କହିଥିଲେ: ଯେ ଆଜି ଆମେ ଅଲ୍ଲାଃ ତାଲାଙ୍କ ସକାଶେ ଜିହାଦ୍ କରିବାପାଇଁ ଏବଂ ଇସ୍‌ଲାମ୍ ଧର୍ମକୁ ପଶ୍ଚିମ ଆଫ୍ରିକାରେ ପ୍ରସାରିତ କରିବାପାଇଁ ଯାଉଅଛୁ । ମୃତ୍ୟୁ ତ ମନୁଷ୍ୟ ସହିତ ଲାଗି ରହିଛି ଯଦି ଆମମାନଙ୍କ ମଧ୍ୟରୁ କିଏ ମରିଯାଏ ତା'ହେଲେ ଆପଣମାନେ ଏହା ଭାବନ୍ତୁ ଓ ଆପଣମାନେ ଏହା ଚିନ୍ତା କରନ୍ତୁ ଯେ ସଂସାରର ଯେ କୌଣସି ପ୍ରାନ୍ତ ଥାଉ ନା କାହିଁକି ସେଠାରେ ଅଳ୍ପ କିଛି ଜମିର ମାଲିକ ହେଉଛି ଅହେମଦୀୟତ୍ (ଅର୍ଥାତ ଜଣେ ଅହେମଦୀର କବର ମଧ୍ୟ ଅହେମଦୀୟତର ସମ୍ପତି ଅଟେ) ତେଣୁ ଅହେମଦୀ ଯୁବକର ଏହା କର୍ତବ୍ୟ ଯେ ସେ ସେଠାରେ ଯାଇ ପହଂଚୁ ଓ ସେହି ଉଦ୍ଦେଶ୍ୟକୁ ପୁରଣ କରୁ, ଯେଉଁ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଆମେ ତାହାକୁ କବର ଆକାରରେ କବ୍‌ଜା କରି ରଖିଛୁ । କହିବାର ତାତ୍ପର୍ଯ୍ୟ ଏହି କି ଯେ, ଅଳ୍ପ କିଛି ମାତ୍ର ଜମି ଯେଉଁଠି ଅହେମଦୀ ମୁବଲିଗ୍‌ର କବର ରହିଛି ସେହି କବର ଯୋଗୁଁ ସେହି ଅହେମଦୀ ମୁବଲିଗ୍ ଉକ୍ତ ଭୂମି ଉପରେ ଅଧିଗ୍ରହଣ କରି ରଖିଛି । ତେଣୁ ଆମମାନଙ୍କର ପକ୍ଷରୁ ଏହି ଦାବିଟି ରହିବ ଯେ, ନିଜର ସନ୍ତାନମାନଙ୍କର ଏଭଳି ଭାବରେ ପ୍ରଶିକ୍ଷଣ କରନ୍ତୁ ଯେଉଁ ଉଦ୍ଦେଶ୍ୟ ସକାଶେ ଆମର ପ୍ରାଣ ଉତ୍ସର୍ଗୀକୃତ ହୋଇଛି ତାହାକୁ ପୂରଣ କରିବା ଆମମାନଙ୍କ ପକ୍ଷେ ଅନିବାର୍ଯ୍ୟ । ସୁତରାଂ ନିଜ ବାପାଙ୍କ ୱସିୟତକୁ ପୂରଣ କରିବା ନିମନ୍ତେ ମୌଲାନା ନଜିର ସାହେବ ସେଠାରେ ପହଂଚିଥିଲେ ଏବଂ ନିଜ ପିତାଙ୍କ କବର ସମ୍ମୁଖରେ ଉପସ୍ଥିତ ହୋଇ କହିଲେ, ଯେ ହେ ପିତାଶ୍ରୀ ! ମୁଁ ଆପଣଙ୍କ ଡ଼ାକରାର ଉତର ଦେବା ପାଇଁ ଏଠାରେ ଉପସ୍ଥିତ ହୋଇଛି ।

ସେଥିଅନ୍ତେ ସେ ସେରେଲିଓନ୍‌ର ବିଭିନ୍ନ ସ୍ଥାନରେ ସେବା କରିବା ଆରମ୍ଭ କରିଦେଇଥିଲେ । ପରବର୍ତୀ ସମୟରେ ଅର୍ଥାତ ଚତୁର୍ଥ ଖଲିଫାଙ୍କ ନିର୍ଦ୍ଦେଶ କ୍ରମେ ୧୯୮୫ ମସିହାରେ ସେ (ଅର୍ଥାତ ମୁବାରକ ନଜିର ସାହେବ) ପାକିସ୍ତାନ ପ୍ରତ୍ୟାବର୍ତନ କରିଥିଲେ ଅତଏବ ଯେତେବେଳେ ସ୍ୱର୍ଗତ ମୁବାରକ ସାହେବ ଆଫ୍ରିକାରୁ ସ୍ୱଦେଶକୁ ପ୍ରତ୍ୟାବର୍ତନ କଲେ ସେତେବେଳେ ଖଲିଫତୁଲ୍ ମସହି ରାବେ ର:ଅଙ୍କ ସେବାରେ ଉପସ୍ଥିତ ହୋଇ ପୂର୍ନବାର ୱକ୍‌ଫେ ଆର୍‌ଜି କରିବା ପରିବର୍ତେ ସ୍ଥାୟୀ ୱକ୍‌ଫେ ଜିନ୍ଦଗୀ ଅର୍ଥାତ ନିଜ ଜୀବନକୁ ଉର୍ତ୍ସଗ କରିବାକୁ ନିବେଦନ କରିଥିଲେ ଯାହାକୁ ହଜୁର ଗ୍ରହଣ କରିନେଇଥିଲେ । ଯଦ୍ୱାରା ୧୯୮୮ ମସିହାରେ ତାଙ୍କୁ ମୁବଲିଗ୍ ରୂପେ କାନାଡ଼ା ପ୍ରେରଣ କରିଦିଆଯାଇଥିଲା ସେଠାରେ ସେ ବିଭିନ୍ନ ସ୍ଥାନମାନଙ୍କରେ ସେବା ସମ୍ପାଦନ କରିଥିଲେ । ୨୦୦୩ ମସିହାରେ ଯେତେବେଳେ ଏହା ନିଷ୍ପତି ନିଆଗଲା ଯେ ଜାମିୟା ଅହେମଦୀୟା କାନାଡ଼ା ଖୋଲାଯାଉ ଏବଂ ତାହାର ମଞ୍ଜୁରୀ ହଜରତ ଖଲିଫା ରାବେ ରହେମୁଲ୍ଲାଃ ଦେଇଥିଲେ ଏବଂ ମୌଲାନା ମୁବାରକ ନଜିର ସାହେବଙ୍କୁ ଜାମିୟା ଅହେମଦିୟା କାନାଡ଼ାର ଅଧକ୍ଷ ରୂପେ ନିଯୁକ୍ତ କରିଥିଲେ । କିନ୍ତୁ ଖଲିଫା ରାବେ ଙ୍କ ଜୀବନ କାଳରେ ଜାମିୟା ଖୋଲିପାରିନଥିଲା, ପରେ ମୋ ସମୟରେ ଜାମିୟା ଅହେମଦିୟା କାନାଡ଼ା ଖୋଲିଲା ପୁଣି ମୁଁ ସେହି ନିର୍ଦ୍ଦେଶାବଳୀଗୁଡ଼ିକୁ ନିଶ୍ଚିତ କରିଦେଲି ଯାହା ଯାହା ହଜରତ ଚତୁର୍ଥ ଖଲିଫାଙ୍କ ନିର୍ଦ୍ଦେଶ କ୍ରମେ ଜାମିୟା ଅହେମଦିୟା କାନାଡ଼ା ପାଇଁ ନିଷ୍ପତି କରାଯାଇଥିଲା ସେ ଯାହା ବି ହେଉ ସେ ଜାମିଆ ଅହେମଦୀୟା କାନାଡ଼ାର ପ୍ରଥମ ପ୍ରିନ୍ସିପାଲ୍ ଥିଲେ ଓ ସେ ୨୦୦୯ ପର୍ଯ୍ୟନ୍ତ ଉକ୍ତ ପଦରେ ଅଧିଷ୍ଠିତ ରହିଥିଲେ ଓ ବେଶ୍ ସୁନ୍ଦର ଭାବରେ ନିଜର ଦାୟିତ୍ୱ ତୁଲାଇ ଥିଲେ । ମୁଁ ୨୦୧୦ ମସିହାରେ କାନାଡ଼ାର ମିଶ୍‌ନାରି ଇନ୍‌ଚାର୍ଜ ଭାବେ ତାଙ୍କୁ ମୁତୟନ କରିଥିଲି ସୁତରାଂ ଏହାପରେ ସେ ୨୦୧୮ ମସିହା ପର୍ଯ୍ୟନ୍ତ ଏହି ସେବା ସମ୍ପାଦନ କରିଥିଲେ । ଏପରି ତାଙ୍କର ମୋଟ ସେବାର ଅବଧି ୫୯ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ତାଙ୍କର ଯେଉଁ ସାମୟିକ ୱକ୍‌ଫ ଥିଲା ତାହା ସ୍ଥାୟୀ ୱକ୍‌ଫରେ ପରିଣତ ହୋଇଥିଲା । ଏହିପରି ଭାବରେ ମୌଲାନା ସାହେବଙ୍କୁ ଜଣେ କେନ୍ଦ୍ରୀୟ ପ୍ରତିନିଧି ହିସାବରେ ଅନେକ ଜଲ୍‌ସା ମାନଙ୍କରେ ମଧ୍ୟ ସାମିଲ ହେବାର ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତଙ୍କର ଭାଷଣକୁ ପରଆପଣା ସମସ୍ତେ ପସନ୍ଦ କରୁଥିଲେ ତାଙ୍କର ବକ୍ତୃତା ଅତ୍ୟନ୍ତ ପ୍ରଭାବଶାଳୀ, ତଥା ମନୋହର ଆକର୍ଷିତ ଥିଲା । ୨୦୧୬ ମସିହାରେ ସ୍ୱର୍ଗତ ମୌଲାନା ମୁବାରକ ସାହେବଙ୍କୁ ମୋର ପ୍ରତିନିଧିତ୍ୱରେ ଗୋଟେମାଲା ଦେଶରେ ନୂର୍ ହସ୍ପିଟାଲ୍‌ର ଭିତିପ୍ରସ୍ତର ସ୍ଥାପନ କରିବାକୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ଏତଦ୍ ପରେ ତାଙ୍କର ପ୍ରଚାରିକ ପ୍ରବନ୍ଧମାନ ମଧ୍ୟ କାନାଡ଼ାର ଜାତୀୟ ସମାଚାର ଟରୋଂଟ, ଓଟୋଭା ଓ ସିଟିଜେନ୍ ଭଳି ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଥିଲା ମୌଲାନା ନଜିର ସାହେବ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ତଜ୍‌ଲିୟାତେ ଇଲାହିୟା ଓ ଫତେ ଇସ୍‌ଲାମ୍‌ର ଇଂରାଜୀ ଅନୁବାଦ ମଧ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏତଦ୍ ବ୍ୟତୀତ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଗଲ୍‌ଫ କ୍ରାଇସିସ୍ ନାମକ ପୁସ୍ତକର ମଧ୍ୟ ସେ ଅନୁବାଦ କରିଥିଲେ ।

ମୃତକଙ୍କ ପରିବାର ବର୍ଗଙ୍କ ମଧ୍ୟରେ ତାଙ୍କ ପତ୍ନୀ ଅମ୍‌ତୁଲ୍ ହଫିଜ୍ ନଜିର ସାହିବା ଏବଂ ତିନିଜଣ ପୁତ୍ର ସନ୍ତାନ ଓ ଦୁଇଜଣ ପୁତ୍ରୀ ସନ୍ତାନ ରହିଛନ୍ତି । ଯେପରି କି ମୁଁ କହି ଆସିଲି ସେ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ଜଣେ ଆଦର୍ଶ ୱକ୍‌ଫେ ଜିନ୍ଦଗୀ ଥିଲେ, ବିଶେଷ କରି ଅନ୍ୟ ମୁବଲିଗ୍‌ଙ୍କ ପାଇଁ ଜଣେ ଆଦର୍ଶ ଥିଲେ । ସ୍ୱର୍ଗତ ମୁବାରକ ସାହେବ ସାରା ଜୀବନ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇ ଆସିଥିଲେ । ଏହି ପ୍ରାଧାନ୍ୟତା ତାଙ୍କର ଚାରିତ୍ରିକ ଚିତ୍ରକୁ ଚିତ୍ରିତ କରିଥାଏ । ସେ ସର୍ବଦା ଜମାତ୍‌ର ସେବା କଲେ ଏବଂ ଉପସ୍ଥିତ ଖଲିଫାଙ୍କର ଆଦେଶକୁ ନିଜ ମୂଳମନ୍ତ୍ର ବୋଲି ବିବେଚିତ କଲେ ।

ଯେପରି ମୁଁ କହିଲି ସ୍ୱର୍ଗତ ଭାଷଣ ଦେବାରେ ନିପୁଣତା ରଖୁଥିଲେ । ଉର୍ଦ୍ଦୁ ଓ ଇଂରାଜୀ ଭାଷାରେ ବେଶ୍ ଦକ୍ଷ ବକ୍ତା ଥିଲେ ତାଙ୍କର ଭାଷଣଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ତାଙ୍କର ପତ୍ନୀ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତଙ୍କର ସମଗ୍ର ଜୀବନ ଅତ୍ୟନ୍ତ ପୂଣ୍ୟବାନ ଓ ଧର୍ମପରାୟଣତାରେ ପର୍ଯ୍ୟବେଶିତ ଥିଲା ଓ ସେ ଜମାତ୍‌ର ଟଙ୍କାଟିଏ ମଧ୍ୟ ଅଯଥା ଖର୍ଚ୍ଚ କରାଇବାକୁ ଦେଉନଥିଲେ । ନିଜର ଜୀବନକୁ ଅତ୍ୟନ୍ତ ସାଧାରଣ ତଥା ସରଳ ଭାବରେ ଅତିବାହିତ କରିଥିଲେ । ସେରେଲିଓନ ଛାଡ଼ିବା ପରେ ମଧ ସେ ସେଠାକାର ଅଭାବି ବ୍ୟକ୍ତିଙ୍କର ଗୋପନ ଭାବରେ ସାହାଯ୍ୟ କରୁଥିଲେ । ତାଙ୍କ ପତ୍ନୀ କୁହନ୍ତି ମୁଁ ଏହି କଥାର ଜୀବନ୍ତ ସାକ୍ଷ୍ୟ ଯେ ମୋ ସ୍ୱାମୀ ଜଣେ ସର୍ବୋତ୍କୃଷ୍ଟ ୱିକ୍‌ଫେ ଜିନ୍ଦଗୀ ହେବା ସଙ୍ଗେ ସଙ୍ଗେ ଜଣେ ସର୍ବୋତମ ସ୍ୱାମୀ ଓ ଜଣେ ସନ୍ତାନ ବତ୍ସଳ ପିତା ମଧ୍ୟ ଥିଲେ । ସେ ସର୍ବଦା ଏହି କଥା ପ୍ରତି ଚିନ୍ତିତ ରହୁଥିଲେ ଯେ ଯଦି ଜମାତ୍ ମୋ ଉପରେ ଏତେ ଖର୍ଚ୍ଚ କରୁଛି ତେବେ ମୋର ଏହି କର୍ତବ୍ୟ ଯେ ମୁଁ କିଭଳି ଜମାତ୍‌କୁ ଲାଭାନ୍ୱିତ କରିପାରିବି । ସେ ଅନେକ ସମୟରେ ଏହି କଥାକୁ ପୂନରାବୃତି କରୁଥିଲେ ଯେ, ମୁଁ ଉପସ୍ଥିତ ଖଲିଫାଙ୍କ କ୍ଷୋଭ କଦାପି ବରଦାସ୍ତ କରିପାରିବି ନାହିଁ । ଏଭଳି ପରିସ୍ଥିତି କଦାପି ନ ଉପୁଜୁ ।

ସ୍ୱର୍ଗତ ମୁବାରକ ସାହେବଙ୍କ ସନ୍ତାନମାନେ କୁହନ୍ତି: ଆମ ପିତା ଅଲ୍ଲାଃ ତାଲା ଓ ପରକାଳ ଉପରେ ଦୃଢ଼ ବିଶ୍ୱାସ ରଖୁଥିଲେ ତଥା ଖିଲାଫତ୍ ଓ ନିଜାମେ ଜମାତ୍ ଉପରେ ତାଙ୍କର ଅଗାଢ଼ ବିଶ୍ୱାସ ରହିଥିଲା । ଅନେକ ସମୟରେ କହୁଥିଲେ ଅଲ୍ଲାଃ ତାଲା ମତେ କେବେ ଏକା ଛାଡ଼ିବେ ନାହିଁ ଏବଂ ସର୍ବଦା ମତେ ସାହାଯ୍ୟ କରିବେ । ଅଲ୍ଲାଃ ତାଲା ମଧ୍ୟ ଏହିଭଳି ହିଁ ବ୍ୟବହାର ତାଙ୍କ ସହିତ ପଦର୍ଶନ କରିଥିଲେ । ସେ ଆର୍ଥିକ ବଳିଦାନ କରିବାରେ ମଧ ସର୍ବାଗ୍ରେ ରହୁଥିଲେ । ଯେତେବେଳେ ସେ ମିଶ୍‌ନାରୀ ଇନ୍‌ଚାର୍ଜ ଥିଲେ ଓ ଅମୀର ସାହେବ ତାଙ୍କୁ ଯେ କୌଣସି ସ୍ଥାନକୁ ବି ପଠାଉଥିଲେ ସେ ଚାଲି ଯାଉଥିଲେ । ଏପରି କି ଅବସର ନେବା ପରେ ମଧ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହୁଥିଲା ସେତେବେଳେ ମଧ୍ୟ ତାଙ୍କଠାରୁ କାମ ନିଆଯାଉଥିଲା ।

ତାଙ୍କର ଜୈଷ୍ଠ୍ୟ କନ୍ୟା କୁହନ୍ତି: ସ୍ୱର୍ଗତ ପିତାଶ୍ରୀ ସର୍ବଦା ଆମମାନଙ୍କୁ ଖିଲାଫତ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ପରାମର୍ଶ ଓ ଉପଦେଶ ଦେଉଥିଲେ । ସର୍ବଦା ଆମମାନଙ୍କ ମଧ୍ୟରେ ନିଜାମେ ଜମାତ୍‌ର ପ୍ରେମ ଓ ସମ୍ମାନ ସୃଷ୍ଟି କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ତାଙ୍କର ଏହି ଅଭିଳାଷ ରହିଥିଲା ଯେ, ଆମେମାନେ ସର୍ବଦା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହୁ ଏବଂ ଖଲିଫତୁଲ୍ ମସିହଙ୍କର ପ୍ରତ୍ୟେକ ଆଦେଶ ଉପରେ କାର୍ଯ୍ୟାନୁସରଣ କରୁ ।

ପୁନଶ୍ଚ ତାଙ୍କର ଝିଅ କୁହନ୍ତି ଏଭଳି କୌଣସି ଆସର କିମ୍ୱା ସଭା ନଥିଲା ଯେଉଁ ସଭାରେ ସେ ଏହି କଥା ପ୍ରତି ଦୃଷ୍ଟି ଆକର୍ଷଣ କରୁନଥିଲେ । ଯେତେବେଳେ ପିତାଶ୍ରୀଙ୍କର ନାତୀନାତୁଣିମାନେ ଏକତ୍ରିତ ହେଉଥିଲେ ସେତେବେଳେ ସେମାନେ ଜାଣିଥିଲେ ଯେ ବର୍ତମାନ ଆମ ଦଦା ଅବା ନନା ସମସ୍ତଙ୍କୁ ବସାଇ ଉପଦେଶ ଦେବେ ଏବଂ ସେ ଏହି କଥା ହିଁ ସୁନିଶ୍ଚିତ କରୁଥିଲେ ଯେ, ଆମମାନଙ୍କର ସମ୍ପର୍କ ସର୍ବଦା ଅଲ୍ଲାଃ ତାଲା ଓ ଖିଲାଫତ୍ ସହିତ ସୁଦୃଢ଼ ହୋଇ ଚାଲୁ । ସ୍ୱର୍ଗତ ମୁବାରକ ସାହେବଙ୍କ ସୁପୁତ୍ରୀ ଆହୁରି ଲେଖିଛନ୍ତି ଯେ ଆମ ବାପା ଆମକୁ ଏହା କହୁଥିଲେ ଯେ ଆପଣମାନେ ଏହା ଭାବନ୍ତୁ ନାହିଁ ଯେ, ଆମମାନଙ୍କର ସେବା ନ କରିବା ଯୋଗୁଁ ଜମାତ୍‌ର କାମ ଅଟକି ଯିବ କଦାପି ନୁହେଁ । ଜମାତ୍ ର କାର୍ଯ୍ୟ ତ ଅବଶ୍ୟ ପୁରଣ ହେବ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ । ତେଣୁ ଆପଣମାନେ ଯଦି ଜମାତ୍‌ର ସେବା ନ କରିବେ ତାହେଲେ ଅଲ୍ଲାଃ ତାଲା ଅନ୍ୟ ଲୋକମାନଙ୍କୁ ନେଇ ଆସିବ ଯେଉଁମାନେ ଆମମାନଙ୍କଠାରୁ ଅଧିକ ଉତମ ରୂପେ ଏହି କାର୍ଯ୍ୟ ସମ୍ପାଦନ କରିବେ ।

ସେହିପରି ସ୍ୱର୍ଗତ ମୁବାରକ ସାହେବଙ୍କର କନିଷ୍ଠ ପୁତ୍ରୀ ଏକ ଘଟଣା ସମ୍ପର୍କରେ ଆଲୋଚନା କରି କୁହନ୍ତି: ଯେତେବେଳେ ସେରେଲିଓନ୍‌ରେ ଗୋଟିଏ ନିର୍ମାଣ କାର୍ଯ୍ୟ ଚାଲିଥିଲା ସେତେବେଳେ ଶ୍ରମିକମାନେ ନିଜ ମଜୁରୀ ଟଙ୍କା ପାଇଁ ଅପେକ୍ଷାରତ ଥିଲେ କିନ୍ତୁ ପିତାଶ୍ରୀଙ୍କ ନିକଟରେ ଟଙ୍କା ନଥିଲା । ସେତେବେଳେ ସେ ଶ୍ରମିକମାନଙ୍କୁ କହିଲେ ଯେ ଆପଣମାନେ କାଲି ଆସନ୍ତୁ କାଲି ଆପଣମାନଙ୍କର ପାରଶ୍ରମିକ ଆପଣମାନଙ୍କୁ ମୁଁ ପ୍ରଦାନ କରିଦେବି ସୁତରାଂ ଯେତେବେଳେ ସକାଳ ହେଲା ପିତାଶ୍ରୀ ନିଜ ବାସଭବନରୁ ବାହାରକୁ ବାହାରିଲେ ସେତେବେଳେ ଦେଖିଲେ ଯେ, ଶ୍ରମିକମମାନେ ପିତାଶ୍ରୀଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି ଓ ନିଜ ପାରିଶ୍ରମିକ ନେବା ପାଇଁ ଅପେକ୍ଷାରତ ରହିଛନ୍ତି କିନ୍ତୁ ସେତେବେଳ ପର୍ଯ୍ୟନ୍ତ ବି ଟଙ୍କା ର କୌଣସି ବ୍ୟବସ୍ଥା ହୋଇନଥିଲା ତେଣୁ ପିତାଶ୍ରୀ ଶ୍ରମିକମାନଙ୍କୁ କହିଲେ ବର୍ତମାନ ସୁଦ୍ଧା ଟଙ୍କାର କୌଣସି ବନ୍ଦୋବସ୍ତ ହୋଇପାରିନାହିଁ ମୋ ପାଖରେ ପଇସା ନାହିଁ କିନ୍ତୁ ମୁଁ ଦୁଆ କରୁଛି ଓ ଆପଣମାନଙ୍କୁ ଅନୁରୋଧ କରୁଛି ଯେ ଆପଣମାନେ ଅପେକ୍ଷା କରନ୍ତୁ ଇନ୍‌ଶାଅଲ୍ଲାଃ ଅଲ୍ଲାଃ ତାଲା ଖୁବ୍ ଶିଘ୍ର କୌଣସି ନା କୌଣସି ବ୍ୟବସ୍ଥା କରିଦେବେ । ତାଙ୍କ ସୁପୁତ୍ରୀ କୁହନ୍ତି ଠିକ୍ ସେହି ସମୟରେ ଏକ ଯାନ ଦ୍ରୁତ ବେଗରେ ପିତାଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ ଗୋଟିଏ ଲଫାଫା ଧରାଇ ଦେଲା ଯହିଁରେ ଟଙ୍କା ରହିଥିଲା ସେହି ଅଜ୍ଞାତ ବ୍ୟକ୍ତି ଜଣକ ପିତାଙ୍କୁ କହିଲେ, ମୁଁ ଅମୁକ ବ୍ୟକ୍ତିଠାରୁ ଶୁଣିଥିଲି ଯେ, ଆପଣ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରୁଛନ୍ତି ତେଣୁ ସେହି ବ୍ୟକ୍ତି ଜଣକ କିଛି ଟଙ୍କା ପଠାଇଛନ୍ତି ଆପଣ ଏହି ଟଙ୍କା ରଖନ୍ତୁ । ସୁତରାଂ ପିତାଶ୍ରୀ ତାଙ୍କୁ ପଚାରିଥାନ୍ତେ ଯେ, ଏହି ଟଙ୍କା କେଉଁ ବ୍ୟକ୍ତି ପଠାଇଛନ୍ତି ସେ ବ୍ୟକ୍ତି ଜଣକ କିଏ ? କିନ୍ତୁ ଏକଥା ପଚାରିବା ପୂର୍ବରୁ ହିଁ ସେହି ଲୋକଟି କ୍ଷିପ୍ର ବେଗରେ ସେଠାରୁ ଗାଡ଼ି ଚଳାଇ ଉଭାନ ହୋଇଗଲା । ସୁପୁତ୍ରୀ କୁହନ୍ତି ଏହି ଘଟଣା ପରେ ପିତାଶ୍ରୀଙ୍କୁ ବିଶ୍ୱାସ ହୋଇଗଲା ଯେ, ଅଲ୍ଲାଃ ତାଲା ତାଙ୍କର ପ୍ରାର୍ଥନାକୁ ଶୁଣି ନେଇଛନ୍ତି ଏବଂ ଏହିପରି ଭାବରେ ପିତାଶ୍ରୀ ଶ୍ରମିକମାନଙ୍କର ଟଙ୍କା ପରିଶୋଧ କରିଦେଇଥିଲେ ।

ସୁତରାଂ ଏହା ଥିଲା ମୁବାରକ ସାହେବଙ୍କର ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ସେହିପରି ତାଙ୍କ ଉପରେ ପ୍ରଭୁଙ୍କର କୃପାର ଅନେକ ଘଟଣାବଳୀ ରହିଛି ଯାହା ସମ୍ପର୍କରେ ଲୋକମାନେ ଓ ମୁବଲିଗ୍‌ମାନେ ଉଲ୍ଲେଖ କରିଛନ୍ତି । ଯେପରି କି ମୁଁ କହିଲି ସ୍ୱର୍ଗତ ମୁବାରକ ସାହେବ ଜଣେ ଜ୍ଞାନୀ ଓ କାର୍ଯ୍ୟାନୁସରଣ ବ୍ୟକ୍ତି ଏହି କାରଣରୁ ଲୋକମାନଙ୍କ ଉପରେ ମୁବାରକ ସାହେବଙ୍କର ଭୀଷଣ ପ୍ରଭାବ ରହିଥିଲା । କିନ୍ତୁ ଖିଲାଫତ୍ ପ୍ରତି ତାଙ୍କର ବିନମ୍ରଭାବର କୌଣସି ସୀମା ନଥିଲା ।

ଅଲ୍ଲାଃ ତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତି ଓ ବଂଶଧରଙ୍କୁ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କ ଦୁଆ ସେମାନଙ୍କ ସପକ୍ଷରେ ପୁରଣ ହେଉ । ସେହିପରି ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପରି ନିସ୍ୱାର୍ଥପର ଭାବରେ ଜମାତର ସେବା କରୁଥିବା ଲୋକମାନଙ୍କୁ ଆମ ଜମାତ୍‌ରେ ପ୍ରଦାନ କରନ୍ତୁ । ବିଶେଷ କରି ଜାମିୟା ଅହେମଦିୟା କାନାଡ଼ାରେ ଯେଉଁ ମୁବଲିଗ୍ ମାନେ ପଢୁଛନ୍ତି ସେମାନେ ମୁବାରକ ନଜିର ସାହେବଙ୍କ ସମ୍ପର୍କରେ ଅନେକ ଘଟଣାର ଚର୍ଚ୍ଚା କରିଛନ୍ତି ଯେ ସେ କିଭଳି ସଂସ୍କାରକ ବ୍ୟକ୍ତି ଥିଲେ, କିଭଳି ତବ୍‌ଲିଗ୍ ଓ ଶିକ୍ଷା ଦାନ କରୁଥିଲେ । ଉଚ୍ଚ ଚରିତ୍ରବାନ ଓ ଜଣେ ଅନନ୍ୟ ବ୍ୟକ୍ତି ଥିଲେ । ସେ ଯାହା ହେଉ ନା କାହିଁକି ସେହି ମୁବଲିଗ୍‌ମାନେ ସ୍ୱର୍ଗତ ନଜିର ମୁବାରକ ସାହେବଙ୍କଠାରୁ ବହୁତ ଉପକୃତ ହୋଇଛନ୍ତି । ଅତଏବ ଏହି କଥାଗୁଡ଼ିକୁ ମନେରଖିବା ଉଚିତ ଯେ ଏହି ଘଟଣାଗୁଡ଼ିକ କେବଳ ମନ ଭିତରେ ସାଇତି ରଖିବା ଉଚିତ ତା ନୁହେଁ ବରଂ ଏହି ଘଟଣାବଳୀଗୁଡ଼ିକର ପୂନରାବୃତି କରନ୍ତୁ ଓ ସେହି ସମସ୍ତ ବିଷୟରୁ ଶିକ୍ଷା ଆରୋହଣ କରି ନିଜ ବ୍ୟବହାରିକ ଜୀବନରେ ମୌଲାନା ସାହେବଙ୍କ ପରି ଉଦ୍ୟମ କରିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃ ତାଲା ମୁବଲିଗ୍‌ମାନଙ୍କୁ ସ୍ୱର୍ଗତ ମୁବାରକ ନଜିର ସାହେବଙ୍କ ଆଦର୍ଶକୁ ଅନୁସରଣ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ନମାଜ ଜୁମା ପରେ ଇନ୍‌ଶାଅଲ୍ଲାଃ ତାଲା ମୁଁ ତାଙ୍କର ନମାଜ ଯନାଜାଃ ଗାଏବ ମଧ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ଅବ୍ଦୁଲ୍ଲାଃ ବିନ୍ ମସଉଦ୍ କୁହନ୍ତି ଯେ ରସୁଲେ କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ଆମେ ଏପରି ଏକ ସ୍ଥାନରେ ଦଣ୍ଡାୟମାନ ଥିଲୁଁ ଯେ ଯଦି ଅଲ୍ଲାଃ ଆମ ଉପରେ ଅବୁ ବକର୍ ର ଅ ଙ୍କ ଜରିଆରେ ଦୟାକରିନଥାନ୍ତେ ତାହେଲେ ସମ୍ଭବ ଥିଲା ଯେ ଆମେ ଧ୍ୱଂସ ହୋଇଯାଇଥାନ୍ତୁ ।

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ନବି କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ଯେତେବେଳେ ପ୍ରାୟତଃ ସମଗ୍ର ଆରବ ଇର୍‌ତାଦ୍ ଗ୍ରହଣ କରିନେଇଥିଲା ଓ କେତେକ ତ ସମ୍ପୂର୍ଣ୍ଣରୂପେ ଇସଲାମ୍ ଠାରୁ ଦୂରେଇଯାଇଥିଲେ ଆଉ କେତେକ ଯେତେବେଳେ ଜକାତ୍ ଦେବାକୁ ମନା କରିଦେଲେ ସେତେବେଳେ ହଜରତ୍ ଅବୁ ବକର୍ ର ଅ ସେମାନଙ୍କ ବିପକ୍ଷରେ ଯୁଦ୍ଧ କଲେ । ଇତିହାସ ଓ ସିରତ୍ ପୁସ୍ତକଗୁଡିକରେ ଏପରି ସମସ୍ତ ଲୋକମାନଙ୍କ ନିମନ୍ତେ ମୁରତଦିନ୍ ଶବ୍ଦ ବ୍ୟବହାର କରାଯାଇଅଛି । ସେଥିଯୋଗୁଁ ପରେ ଆସିଥିବା ଐତିହାସିକ ତଥା ଜୀବନ ଚରିତ ଲେଖାଳୀମାନେ ଓ ଓ୍ୱଲେମାମାନେ ଦ୍ୱନ୍ଦରେ ପଡିଗଲେ ବା ସେମାନେ ଭୂଲ ଶିକ୍ଷାର ପ୍ରଚାର ଯୋଗୁଁ ଏକଥାକୁ ମାନିନେଲେ ଯେ ବୋଧହୁଏ ମୁରତଦ୍ ହୋଇଯାଇଥିବା ଲୋକର ଦଣ୍ଡ ହେଉଛି ମୃତ୍ୟୁ ଦଣ୍ଡ । ସେଥିପାଇଁ ହଜରତ୍ ଅବୁ ବକର୍ ର ଅ ସମସ୍ତ ମୁରତଦୀନ୍ ମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଓ ଏପରି ସମସ୍ତ ଲୋକମାନଙ୍କୁ ହତ୍ୟାକରାଇଦେଲେ ବା ଏ ସର୍ତ ରଖିଦେଲେ ଯେ ସେହିଲୋକମାନେ ପୁନର୍ବାର ଇସଲାମ୍ ଗ୍ରହଣ କରିନିଅନ୍ତୁ ।

ଶ୍ରୀମାନ ମୁହମ୍ମଦ୍ ବଶିର୍ ଶାଦ୍ ସାହେବ୍ ରିଟାଏଡ୍ ମୁରବୀ ସିଲସିଲା (ଆମେରିକା),ରାଣା ମୁହମ୍ମଦ୍ ସିଦ୍ଦିକ୍ ସାହେବ ସିଆଲକୋଟୀ ଏବଂ ଡାଃ ମହମୁଦ୍ ଅହମଦ୍ ଖ୍ୱାଜା ସାହେବ୍ ଆଫ୍ ଇସଲାମାବାଦ ନିବାସୀ ଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୦୧ ଅପ୍ରେଲ୍ ୨୦୨୨ ଅନୁଯାୟୀ ୦୧ ଶାହାଦତ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ୍ ଅବୁବକର୍ ର ଅ ଙ୍କ ଖିଲାଫତ୍ ସମୟର ଫିତନା (କନ୍ଦଳ ଓ ବିଭ୍ରାଟ)ବିଷୟରେ ଚର୍ଚ୍ଚା ଚାଲିଥିଲା । ଏ ସମ୍ବନ୍ଧରେ ହଜରତ୍ ମସିହ୍ ମସିହ୍ ମଉଦ୍ ଆ ସ ନିଜ ରଚିତ ପୁସ୍ତକ ସିର୍ରୁଲ୍ ଖିଲାଫାଃ ରେ ବର୍ଣ୍ଣନା କରିଛନ୍ତି ଯେ "ଇବନେ ଖୁଲଦୁନ୍......ଲେଖିଛନ୍ତି 'ଆରବର ସାଧାରଣ ବର୍ଗର ଲୋକମାନେ ଏବଂ ବିଶେଷ ପ୍ରତିଷ୍ଠିତ ଶ୍ରେଣିର ଲୋକମାନେ ବି ମୁରତଦ୍ (ଅର୍ଥାତ୍ ସ୍ୱଧର୍ମ ପରିତ୍ୟାଗ କରି ପଥଭ୍ରଷ୍ଟ)ହୋଇଗଲେ ଏବଂ ବନୁ ତୈଇ ଓ ବନୁ ଅସଦ୍ ତୁଲୈହା ହାତରେ ଏକାଠି ହୋଇଗଲେ । ବନୁ ଗତଫାନ୍ ମୁରତଦ୍ ହୋଇରଗଲା । ବନୁ ହଓ୍ୱାଜିନ୍ ମୁରତଦ୍ ହେଲା । ପୁଣି ସେମାନେ ଜକାତ୍ ଦେବା ବନ୍ଦ କରିଦେଲେ । ସ୍ୱୟଂ ବନୁ ସୁଲୈମର ସରଦାର୍ ବି ମୁରତଦ୍ ହୋଇଗଲା । ଏହିପରି ପ୍ରତ୍ୟେକ ସ୍ଥାନରେ ବାକି ରହିଯାଇଥିବା ଲୋକମାନଙ୍କର ଅବସ୍ଥା ଥିଲା ।"ଇବନେ ଅସିର୍ ନିଜ ରଚିତ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ......ଆରବର ଲୋକମାନେ ମୁରତଦ୍ ହୋଇଗଲେ । ପ୍ରତ୍ୟେକ୍ କବିଲାର ବିଶେଷ ଓ ସାଧାରଣ ବର୍ଗର ଲୋକେ ମୁରତଦ୍ ହୋଇଗଲେ ଏବଂ କପଟତା ପ୍ରକାଶ ପାଇଲା । ତେଣୁ ଇହୁଦୀ ତଥା ଇସାଇମାନେ ବି ନିଜ ନିଜର ମୁଣ୍ଡ ଟୁଙ୍ଗାରିବାକୁ ଲାଗିଲେ । ମୁସଲମାନମାନେ ନିଜ ନବିଙ୍କ ଦେହାନ୍ତ ହୋଇଯାଇଥିବାରେ ଏବଂ ନିଜର ସ୍ୱଳ୍ପତା ତଥା ଶତୃମାନଙ୍କ ବହୁଳତା ଯୋଗୁଁ , ସେମାନଙ୍କର ଅବସ୍ଥା ଏମିତି ହୋଇଯାଇଥିଲା ଯେମିତି ବର୍ଷା ରାତିରେ ଛେଳି ଓ ମେଣ୍ଢାମାନଙ୍କର ହୋଇଯାଇଥାଏ ।" ଅର୍ଥାତ ଭୟରେ ସେମାନେ ଏକାଠି ହୋଇଯାଇଥାନ୍ତି ଓ ଶରଣପାଇବା ପାଇଁ ଯାଗା ଖୋଜିଥାନ୍ତି । "ଏଥିରେ ଲୋକମାନେ ଅବୁବକର୍‌ଙ୍କୁ କହିଲେ ଯେ ଏହି ଲୋକମାନେ କେବଳ ଉସାମାଙ୍କ ସୈନ୍ୟକୁ ହିଁ ମୁସଲମାନମାନଙ୍କ ସୈନ୍ୟ ଭାବୁଛନ୍ତି । ଯେମିତିକି ଆପଣ ଦେଖୁଅଛନ୍ତି ଯେ ଆରବର ଲୋକମାନେ ଆପଣଙ୍କ ସହିତ ବିଦ୍ରୋହ କରିସାରିଛନ୍ତି । ତେଣୁ ଏହା ଉଚିତ ନୁହେଁ ଯେ ଆପଣ ମୁସଲମାନମାନଙ୍କ ଏହି ଦଳକୁ ନିଜଠାରୁ ଅଲଗା କରିଦିଅନ୍ତୁ । ଏଥିରେ ହଜରତ୍ ଅବୁବକ୍‌ର୍ ର ଅ କହିଲେ : ମୋତେ ତା ରାଣ ଯାହାଙ୍କ ହାତରେ ମୋ ଜୀବନ ରହିଛି ! ଯଦି ମତେ ଏ ବିଶ୍ୱାସ ବେ ହୋଇଯାଏ ଯେ ହିଂସ୍ରଜନ୍ତୁ ମତେ ଉଠାଇ ନେଇଯିବେ , ତାହେଲେ ବି ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କ ହୁକୁମ୍ ମୁତାବକ ଉସାମାଙ୍କ ସୈନ୍ୟଦଳକୁ ନିଶ୍ଚିତ ରୂପେ ପଠାଇବି । ଯେଉଁ ନିଷ୍ପତି ରସୁଲୁଲ୍ଲାଃ ସ ଆ ସ କରିସାରିଛନ୍ତି ମୁଁ ତାହାକୁ କେବେ ବି ବାତିଲ୍ କରିପାରିବି ନାହିଁ ।" ହଜରତ୍ ମସିହ୍ ମଉଦ୍ ଆ ସ ହଜରତ୍ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର ଅ ଙ୍କ ହଓ୍ୱାଲା(ରିଫରେନ୍ସ) ଦେଇ କହଛନ୍ତି ଯେ "ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର ଅ କହିଛନ୍ତି ଯେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ପରେ ଆମେମାନେ ଏପରି ଗୋଟିଏ ସ୍ଥାନରେ ଛିଡାହୋଇଥିଲୁଁ ଯେ ଯଦି ଅଲ୍ଲାଃ ତାଲା ଆମ ଉପରେ ହଜରତ୍ ଅବୁବକରଙ୍କ ଜରିଆରେ ଦୟା କରିନଥାନ୍ତେ ତାହେଲେ ସମ୍ଭବତଃ ଆମେମାନେ ନିଶେଷ ହୋଇଯାଇଥାନ୍ତୁ । ହଜରତ୍ ଅବୁବକର୍ ର ଅ ଆମମାନଙ୍କୁ ଏକଥାରେ ଏକତିତ୍ର କଲେ ଯେ ଆମେ ବିନତେ ମଖାଜ୍" ଅର୍ଥାତ "(ଏକ ବର୍ଷିଆ ମାଈ ଓଟ)ଏବଂ ବିନତେ ଲବୁନ୍ (ଦୁଇ ବର୍ଷିଆ ମାଈ ଓଟ)ର (ଜକାତ ଅସୁଲ୍ କରିବା ନିମନ୍ତେ)ଯୁଦ୍ଧ କରିବା , ଆମେ ଆରବର ବସ୍ତିମାନଙ୍କୁ ଖାଇଯିବା ଏବଂ ଆମେ ଅଲ୍ଲାଃ ତାଲା ଙ୍କ ଇବାଦତ୍ (ଉପାସନା)କରିଚାଲିବା ଏପରିକି ମୃତ୍ୟୁ ଆମକୁ ଆସି ଧରିନେବ (ଅର୍ଥାତ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଇବାଦତ୍ କରିଚାଲିଥିବା) ।" (ସିର୍ରୁଲ୍ ଖିଲାଫାଃ ଉର୍ଦ୍ଦୁ ଅନୁବାଦ ପୃ-୧୮୮,୧୮୯ ହାଶିୟା ପ୍ରକାଶକ ନିଜାରତ୍ ଇଶାଅତ୍)

ଏହି ଯେଉଁ ତର୍କବିତର୍କ ଚାଲିଛି ଏଥିରେ କିଛି ଭୂଲ ବୁଝାମଣା ମଧ୍ୟ ସୃଷ୍ଟି ହୋଇପାରେ ଓ ଏ ପ୍ରଶ୍ନ ବି ଉଠାଯାଇପାରେ ଯେ କଣ ଇସଲାମରେ ଇର୍‌ତାଦର ଦଣ୍ଡ ହେଉଛି ମୃତ୍ୟୁଦଣ୍ଡ ? ଏ ସମ୍ବନ୍ଧରେ ସଂକ୍ଷିପ୍ତରେ କିଛିଟା ଏଠାରେ ଚର୍ଚ୍ଚା କରିଦେଉଛି ।

ନବି କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ଯେତେବେଳେ ପ୍ରାୟତଃ ସମଗ୍ର ଆରବ ଇର୍‌ତାଦ୍ ଗ୍ରହଣ କରିନେଇଥିଲା ଓ କେତେକ ତ ସମ୍ପୂର୍ଣ୍ଣରୂପେ ଇସଲାମ୍ ଠାରୁ ଦୂରେଇଯାଇଥିଲେ ଆଉ କେତେକ ଯେତେବେଳେ ଜକାତ୍ ଦେବାକୁ ମନା କରିଦେଲେ ସେତେବେଳେ ହଜରତ୍ ଅବୁ ବକର୍ ର ଅ ସେମାନଙ୍କ ବିପକ୍ଷରେ ଯୁଦ୍ଧ କଲେ । ଇତିହାସ ଓ ସିରତ୍ ପୁସ୍ତକଗୁଡିକରେ ଏପରି ସମସ୍ତ ଲୋକମାନଙ୍କ ନିମନ୍ତେ ମୁରତଦିନ୍ ଶବ୍ଦ ବ୍ୟବହାର କରାଯାଇଅଛି । ସେଥିଯୋଗୁଁ ପରେ ଆସିଥିବା ଐତିହାସିକ ତଥା ଜୀବନ ଚରିତ ଲେଖାଳୀମାନେ ଓ ଓ୍ୱଲେମାମାନେ ଦ୍ୱନ୍ଦରେ ପଡିଗଲେ ବା ସେମାନେ ଭୂଲ ଶିକ୍ଷାର ପ୍ରଚାର ଯୋଗୁଁ ଏକଥାକୁ ମାନିନେଲେ ଯେ ବୋଧହୁଏ ମୁରତଦ୍ ହୋଇଯାଇଥିବା ଲୋକର ଦଣ୍ଡ ହେଉଛି ମୃତ୍ୟୁ ଦଣ୍ଡ । ସେଥିପାଇଁ ହଜରତ୍ ଅବୁ ବକର୍ ର ଅ ସମସ୍ତ ମୁରତଦୀନ୍ ମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଓ ଏପରି ସମସ୍ତ ଲୋକମାନଙ୍କୁ ହତ୍ୟାକରାଇଦେଲେ ବା ଏ ସର୍ତ ରଖିଦେଲେ ଯେ ସେହିଲୋକମାନେ ପୁନର୍ବାର ଇସଲାମ୍ ଗ୍ରହଣ କରିନିଅନ୍ତୁ । ଏହିପରି ସେହି ସବୁ ଐତିହାସିକମାନେ ଓ ଜୀବନଚରିତ ଲେଖାଳୀମାନେ ହଜରତ୍ ଅବୁ ବକର୍ ର ଅଙ୍କୁ ଖତମେ ନବୁଓ୍ୱତ୍ ଆସ୍ଥାର ସୁରକ୍ଷାକାରୀ ଏବଂ ତାହାର ହିରୋ ଭାବରେ ଅଭିହିତ କରାଗଲା । ଯେବେକି ବାସ୍ତବିକତା ହେଉଛି ଏହା କି ଖିଲାଫତେ ରାଶଦାଃ ର ସେହି ଯୁଗରେ ଖତ୍‌ମେ ନବୁଓ୍ୱତ୍ ଏବଂ ଖତ୍‌ମେ ନବୁଓ୍ୱତ୍ ର ବିଶ୍ୱାସ ଓ ଆସ୍ଥା ର ଏପରି ସୁରକ୍ଷା କରାଯିବାର କୌଣସି ଚିନ୍ତାଧାରା ହିଁ ନଥିଲା ଓ ନା ହିଁ ସେମାନେ ଏଇଥିପାଇଁ ତରବାରୀ ଉଠାଇଥିଲେ ଯେ ଖତ୍‌ମେ ନବୁଓ୍ୱତ୍ ର କୌଣସି ବିପଦ ଥିଲା ବା ମୁରତଦର ଦଣ୍ଡ ମୃତ୍ୟୁଦଣ୍ଡ ଥିଲା ତେଣୁ ସେମାନଙ୍କୁ ହତ୍ୟା

କରିଦିଆଯାଉ । ଏହାର ସମ୍ପୂର୍ଣ୍ଣ ବିବରଣୀ ଆଗକୁ ବର୍ଣ୍ଣନା କରାଯିବ ଏବଂ ଏକଥା ବି ବର୍ଣ୍ଣନା କରାଯିବ ଯେ ସେମାନଙ୍କ ବିରୋଧରେ ଯୁଦ୍ଧଘୋଷଣା କାହିଁକି କରାଯାଇଥିଲା ? କିନ୍ତୁ ତାପୂର୍ବରୁ ଏକଥା ବତାଇବା ବି ଜରୁରୀ ଯେ କଣ ପବିତ୍ର କୁରଆନ୍ ବା ଆଁ ହଜରତ୍ ସ ଆ ସ ମୁରତଦମାନଙ୍କର ସଜା ମୃତ୍ୟୁଦଣ୍ଡ ଧାର୍ଯ୍ୟ କରିଥିଲେ ବା ଅନ୍ୟ କୌଣସି ଦଣ୍ଡ ନିର୍ଧାରଣ କରିଥିଲେ କି ?

ଇସଲାମୀୟ ଅର୍ଥାନୁସାରେ ମୁରତଦ୍ ଏପରି ଲୋକକୁ କୁହାଯାଏ ଯିଏ ଇସଲାମ୍ ଧର୍ମରୁ ମୁହଁ ଫେରାଇଚାଲିଯାଏ ଏବଂ ଇସଲାମ୍ ଗ୍ରହଣ କରିବାପରେ ପୁଣି ଇସଲାମର ପରିଧିଭିତରୁ ବାହାରିଯାଏ । ଯେବେ ଆମେ ପବିତ୍ର କୁରଆନକୁ ଦେଖିଥାଉଁ ଆମେ ଜାଣିଥାଉଁ ଯେ ଅଲ୍ଲାଃତାଲା ଅନେକ ସ୍ଥାନରେ ମୁରତଦ୍ ହୋଇଯାଇଥିବା ଲୋକମାନଙ୍କର ବିଶେଷଭାବରେ ଚର୍ଚ୍ଚା କରିଛନ୍ତି । କିନ୍ତୁ ସେମାନଙ୍କର ସଜା ନିମନ୍ତେ କୌଣସି ପ୍ରକାରର ମୃତ୍ୟୁଦଣ୍ଡ ବା ଅନ୍ୟକୌଣସି ଦଣ୍ଡାଦେଶ ଦେଇନାହାନ୍ତି । ଏଠାରେ କିଛି ଆୟତ ନମୁନା ଭାବରେ ଉପସ୍ଥାପନ କରାଯାଉଅଛି । ପ୍ରଥମ ଆୟତଟି ହେଉଛି : ***ଓ୍ୱ ମଈଁ ୟରତଦିଦ୍ ମିନକୁମ୍ ଅନ୍ ଦୀନିହି ଫୟମୁତ୍ ଓ୍ୱ ହୁଓ୍ୱ କାଫିରୁନ୍ ଫଉଲାଇକା ହବିତତ୍ ଆମାଲୁହୁମ୍ ଫିଦ୍ଦୁନ୍‌ୟା ଓ୍ୱଲ୍ ଆଖିରତି ଓ୍ୱ ଉଲାଇକା ଅସ୍‌ହାବୁନ୍ନାରି ହୁମ୍ ଫିହା ଖାଲିଦୁନା । (ଅଲବକରାଃ : ୨୧୮)*** ଅର୍ଥାତ୍ ଏବଂ ତୁମମାନଙ୍କ ମଧ୍ୟରୁ ଯେ କେହି ନିଜ ଧର୍ମ ତ୍ୟାଗ କରିବ ଓ ଅବିଶ୍ୱାସକାରୀ ଥିବା ଅବସ୍ଥାରେ ମୃତ୍ୟୁ ବରଣ କରିବ ତେବେ ସେ ମନେରଖୁ ଯେ ଏପରି ଲୋକମାନଙ୍କର କର୍ମଫଳ ଇହକାଳ ଓ ପରକାଳରେ ବୃଥା ହେବ ଏବଂ ଏପରି ଲୋକମାନେ ନରକବାସୀ ହେବେ ଓ ସେଠାରେ (ଦୀର୍ଘକାଳ)ରହିବେ ।

ଏହି ଆୟତରେ ବର୍ଣ୍ଣନା କରାଯାଇଅଛି ଯେ ତୁମମାନଙ୍କ ମଧ୍ୟରୁ ଯେକେହି ବି ମୁରତଦ ହୋଇଯାଏ ବା ଶେଷରେ ସେ ଅମାନ୍ୟକାରୀ ଅବସ୍ଥାରେ ମରି ବି ଯାଏ । ଏଥିରୁ ଖୁବ ସ୍ୱଷ୍ଟ ହେଉଅଛି ଯେ ମୁରତଦର ସଜା ମୃତ୍ୟୁଦଣ୍ଡ ନଥିଲା । କାରଣ ଯଦି ଏହାର ସଜା ମୃତ୍ୟୁଦଣ୍ଡ ହୋଇଥାନ୍ତା ତାହେଲେ ଏକଥା ବର୍ଣ୍ଣନା କରାଯାଇନଥାନ୍ତା ଯେ ଏପରି ମୁରତଦ୍ ପରିଶେଷରେ କୁଫର୍ (ଅମାନ୍ୟକାରୀ)ଅବସ୍ଥାରେ ମରିବ ।

ପୁଣି ଆଉଗୋଟିଏ ସ୍ଥାନରେ ଅଲ୍ଲାଃତାଲା କହିଛନ୍ତି : ***ୟାଅୟୌହଲ୍ ଲଜିନା ଆମନୁ ମଈଁ ୟରତଦ୍ଦା.............ଓ୍ୱଲ୍ଲାହୁ ଓ୍ୱାସିଉନ୍ ଅଲିମ୍ (ଅଲମାଏଦାଃ :୫୫)*** ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମାମାନଙ୍କ ମଧ୍ୟରୁ ଯେ ନିଜ ଧର୍ମରୁ ଫେରିଯିବ (ତେବେ ସେ ମନେରଖୁ ଯେ)ଅଲ୍ଲାଃ(ତାହା ବଦଳରେ)ଶୀଘ୍ର ଏପରି ଏକ ସମ୍ପ୍ରଦାୟ ପ୍ରେରଣ କରିବେ ଯେଉଁମାନଙ୍କୁ ସେ ପ୍ରେମ କରୁଥିବେ ଏବଂ ସେମାନେ ତାହାଙ୍କୁ (ଅର୍ଥାତ ଅଲ୍ଲାଃଙ୍କୁ)ପ୍ରେମ କରୁଥିବେ ; (ଏବଂ)ସେମାନେ ବିଶ୍ୱାସକାରୀମାନଙ୍କ ପ୍ରତି ଦୟାଶୀଳ ଓ ଅବିଶ୍ୱାସକାରୀମାନଙ୍କ ପ୍ରତି କଠିନ ହେବେ; ସେମାନେ ଅଲ୍ଲାଃଙ୍କ ପଥରେ ଜିହାଦ କରିବେ ଏବଂ କୌଣସି ନିନ୍ଦାକାରୀର ନିନ୍ଦାକୁ ଭୟ କରିବେ ନାହିଁ ; ଏହା ହିଁ ଅଲ୍ଲାଃଙ୍କର କୃପା ; ସେ ଯାହାକୁ ପସନ୍ଦ କରନ୍ତି (ଏହି କୃପା)ତାହାକୁ ପ୍ରଦାନ କରନ୍ତି ; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ଦାନଶୀଳ (ଓ)ସର୍ବଜ୍ଞ ।

ଏଠାରେ ବି ମୁରତଦ୍ ହୋଇଥିବା ଲୋକମାନଙ୍କ ବିଷୟରେ ଚର୍ଚ୍ଚା କରି ମୋମିନ୍ (ବିଶ୍ୱାସକାରୀ)ମାନଙ୍କୁ ଏ ସୁସମାଚାର ଦିଆଯାଇଛି ଯେ ଏମିତି ଲୋକମାନଙ୍କ ପ୍ରତିବଦଳରେ ଅଲ୍ଲାଃତାଲା ଜାତି ଉପରେ ଜାତି (ଅର୍ଥାତ୍ ଦଳ ଦଳ ଲୋକ ଓ ଗୋଷ୍ଠି ଗୋଷ୍ଠି ଲୋକ)ପ୍ରଦାନ କରିବେ କିନ୍ତୁ କେଉଁଠି ବି ଏ କଥା ଉଲ୍ଲେଖ କରିନାହାନ୍ତି ଯେ ମୁରତଦ ହୋଇଥିବା ଲୋକମାନଙ୍କୁ ହତ୍ୟା କରିଦିଅ ବା ଅମୁକ ଅମୁକ ଦଣ୍ଡ ଦିଅ ।

ସୁରଃ ନିସାର ଆୟତ୍ ନଂ-୧୩୮ କୁ ଅନୁଧ୍ୟାନ କଲେ ତାହା ପ୍ରତ୍ୟେକ ପ୍ରକାରର ସନ୍ଦେହ ଓ ଶଂକା ଏବଂ ପ୍ରଶ୍ନକୁ ଶେଷ କରିଦେଉଛି । ଅଲ୍ଲାଃତାଲା କହିଛନ୍ତି : ଇନ୍ନଲ୍ଲଜିନା ଆମନୁ ସୁମ୍ମା କଫରୁ ସୁମ୍ମା ଆମନୁ ସୁମ୍ମା କଫରୁ ସୁମ୍ମଜ୍‌ଦାଦୁ କୁଫ୍‌ରଲ୍ ଲମ୍ ୟକୁନିଲ୍ଲାହୁ ଲିୟଗ୍‌ଫିରା ଲହୁମ୍ ଓ୍ୱ ଲା ଲିୟହଦିୟହୁମ୍ ସବିଲା (ସୁରଃ ନିସାଆ : ୧୩୮)ଅର୍ଥାତ୍ ବାସ୍ତବିକ ଯେଉଁମାନେ ବିଶ୍ୱାସ କରି ତା ପରେ ଅବଜ୍ଞା କରିଛନ୍ତି, ପୁଣି ବିଶ୍ୱାସ ସ୍ଥାପନ କରି ପୁନର୍ବାର ଅବଜ୍ଞା କରିଛନ୍ତି ଓ ପୁନରାୟ ଅବଜ୍ଞା କରିବାରେ ଅଗ୍ରସର ହୋଇଥାନ୍ତି, ଅଲ୍ଲାଃ ସେମାନଙ୍କୁ କଦାପି କ୍ଷମା କରିବେ ନାହିଁ ଓ ସେମାନଙ୍କୁ କୌଣସି (ମୁକ୍ତି) ପଥ ଦେଖାଇବେ ନାହିଁ ।

ଅତେବ୍ ଏଠାରେ ବହୁତ ସ୍ୱଷ୍ଟ ଭାବରେ ଦର୍ଶାଯାଇଅଛି ଯେ ମୁର୍‌ତଦ୍ ର ଦଣ୍ଡ ମୃତ୍ୟୁ ଦଣ୍ଡ ନୁହେଁ । ଏହି ବ୍ୟାଖ୍ୟା ଆମ ଲିଟରଚେର୍ ଗୁଡିକରେ ମଧ୍ୟ ବର୍ଣ୍ଣନା କରାଯାଇଅଛି । ଏବଂ ମୁଫସିର୍ ମାନେ ବି ଏହି ବ୍ୟାଖ୍ୟା କରିଛନ୍ତି । ହଜରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହା ତାଲା ଏ ବିଷୟରେ ଆଉକିଛିଟା ବ୍ୟାଖ୍ୟା ନିଜର ଅନୁବାଦିତ ତରଜୁମତୁଲ୍ କୁରଆନ୍ ରେ ଏପରି କରିଛନ୍ତି ଯେ "ଏହି ଆୟତ୍ ଏ କଥାର ଅସ୍ୱୀକାର କରିଥାଏ ଯେ ମୁରତଦର ଦଣ୍ଡ ମୃତ୍ୟୁ ଦଣ୍ଡ । ସୁତରାଂ ଅଲ୍ଲାଃଙ୍କ ନିର୍ଦ୍ଦେଶ ରହିଛି ଯେ ଯଦି କିଏ ମୁରତଦ୍ ହୋଇଯାଏ ପୁଣି ଇମାନ୍ (ବିଶ୍ୱାସ)ନେଇଆସେ , ପୁଣି ମୁରତଦ୍ ହୋଇଯାଏ ଓ ପୁଣି ଇମାନ୍ (ବିଶ୍ୱାସ)ନେଇଆସେ ତାହେଲେ ଏହାର ନିଷ୍ପତି ସ୍ୱୟଂ ଅଲ୍ଲାଃଙ୍କ ହାତରେ ନ୍ୟସ୍ତ ରହିଛି । ଯଦି ସେ କୁଫର (ଅମାନ୍ୟକାରୀ) ଅବସ୍ଥାରେ ମୃତ୍ୟୁ ବରଣ କରେ ତାହେଲେ ସେ ନିଶ୍ଚିତ ରୁପେ ନର୍କବାସୀ ହେବ । ଯଦି ମୁରତଦର ଦଣ୍ଡ ମୃତ୍ୟୁ ଦଣ୍ଡ ହୋଇଥାନ୍ତା ତାହେଲେ ତାକୁ ବାରମ୍ବାର ଇମାନ ଆଣିବ ତଥା ବାରମ୍ବାର କୁଫର୍ (ଅବିଶ୍ୱାସ) କରିବାର ପ୍ରଶ୍ନ ହିଁ ଉଠିନଥାନ୍ତା ।" (କୁରଆନ୍ କରିମ୍ ଉର୍ଦ୍ଦୁ ଅନୁବାଦ ହଜରତ୍ ମିର୍ଜା ତାହେର୍ ଅହେମଦ୍ ରହେମହୁଲ୍ଲାଃ , ପୃ-୧୫୮ ହାଶିୟାଃ)

ଏତଦ୍ ବ୍ୟତୀତ ପବିତ୍ର କୁରଆନ୍ ରେ ଆହୁରି ଅନେକ ଆୟମାନ ରହିଛି ଯାହା ମୌଳିକ ଭାବରେ ମୁରତଦର ଦଣ୍ଡ ମୃତ୍ୟୁ ଦଣ୍ଡ ନୁହେଁ ବୋଲି ଅଭିହିତ କରୁଅଛନ୍ତି । ଉଦାହରଣସ୍ୱରୂପ ଅଲ୍ଲାଃତାଲା କହିଲେ : ଓ୍ୱ କୁଲିଲ୍ ହକ୍କୁ ମିରରବବିକୁମ୍ ଫମନ୍ ଶାଆ ଫଲ୍‌ୟୁମିନ୍ ଓ୍ୱମନ୍ ଶାଆ ଫଲ୍‌ୟୁକ୍‌ଫିର୍ .........ବିସଶ୍ ଶରାବୁ ଓ୍ୱ ସାଆତ୍ ମୁରତଫକା (ସୁରଃ ଅଲକହଫ୍ ) ଅର୍ଥାତ୍ ଏବଂ (ତୁମ୍ଭେ ଲୋକମାନଙ୍କୁ)କୁହ, "ଏହି ସତ୍ୟ ତୁମ୍ଭ ପାଳନକର୍ତାଙ୍କ ତରଫରୁ ହିଁ (ଆସି)ଅଛି ; ସୁତରାଂ ଯାହାର ଇଚ୍ଛା ସେ (ଏହାକୁ) ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ (ଏହାକୁ)ପ୍ରତ୍ୟାଖ୍ୟାନ କରୁ ; (କିନ୍ତୁ ମନେରଖ ଯେ) ଆମ୍ଭେ ଅତ୍ୟାଚାରୀମାନଙ୍କ ସକାଶେ ବାସ୍ତବରେ ଏକ ଅଗ୍ନି ପ୍ରସ୍ତୁତ କରି ରଖିଅଛୁ ଯାହାର (ଲେଲିହାନ)ଶିଖା ସେମାନଙ୍କୁ ବେଢି ରହିଅଛି ; ଏବଂ ଯଦି ସେମାନେ ଜଳ ପାଇଁ ଗୁହାରି କରିବେ, ତେବେ ସେମାନଙ୍କ ଗୁହାରି ଏପରି ଜଳ ଦ୍ୱାରା ପୂର୍ଣ୍ଣ କରାହେବ ଯାହା ତରଳ ତମ୍ବା ସଦୃଶ ହୋଇଥିବ ଏବଂ (ତାହା ସେମାନଙ୍କ)ମୁଖମଣ୍ଡଳକୁ ଦଗ୍ଧ କରିପକାଇବ ; ତାହା ଅତ୍ୟନ୍ତ ଭୟଙ୍କର ପାନୀୟ ; ଏବଂ ତାହା (ଅର୍ଥାତ ଅଗ୍ନି)ଅତି ମନ୍ଦ ବାସସ୍ଥାନ ଅଟେ ।

ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାରର ବାଧ୍ୟ ବାଧକତା ନାହିଁ । ଏ ପ୍ରସଙ୍ଗରେ ଅଲ୍ଲାଃ ତାଲା କହିଛନ୍ତି : ଲା ଇକରାହା ଫିଦ୍ଦିନ୍ କଦ୍ ତବୟନର୍ ରୁଶ୍‌ଦୁ ମିନଲ୍ ଗୟି ଫମଈଁ ୟକ୍‌ଫୁର୍ ବିତ୍‌ତାଗୁତି ଓ୍ୱ ୟୁମିମ୍ ବିଲ୍ଲାହି ଫକଦିସତମସକା ବିଲଉରଓ୍ୱତିଲ୍ ଉସକା ଲନ୍‌ଫିସାମା ଲହା ଓ୍ୱଲ୍ଲାହୁ ସମିଉନ୍ ଅଲିମ୍ ।(ଅଲବକ୍‌ରାଃ:୨୫୭)ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବ ାଧ୍ୟ-ବାଧକତା ନାହିଁ ; (କାରଣ)ସତ୍ପଥ ଓ ଅସତ୍ପଥ ମଧ୍ୟରେ ଥିବା ପ୍ରଭେଦ ଭଲରୂପେ ପ୍ରକାଶିତ ହୋଇଯାଇଅଛି ; ସୁତରାଂ (ଜାଣିରଖ ଯେ)ଯେଉଁ ବ୍ୟକ୍ତି (ନିଜର ଇଚ୍ଛାରେ)ପୁଣ୍ୟ କାର୍ଯ୍ୟରେ ପ୍ରତିରୋଧ କରୁଥିବା ବ୍ୟକ୍ତିମାନଙ୍କର (କଥା ମାନିବାକୁ)ଅସ୍ୱୀକାର କରେ ଏବଂ ଅଲ୍ଲାଃଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରେ ସେ ଏପରି (ଏକ)ଶକ୍ତ ନିର୍ଭରଯୋଗ୍ୟ ବସ୍ତୁକୁ ଦୃଢ ଭାବରେ ଧାରଣ କରିଛି ଯାହା (କଦାପି)ଭଙ୍ଗିବ ନାହିଁ ; ଏବଂ ଅଲ୍ଲାଃ ହିଁ ମହାନ ଶ୍ରୋତା ଏବଂ ସର୍ବଜ୍ଞ ।

ପବିତ୍ର କୁରଆନର କିଛି ଆୟତ ଏଠାରେ ଉଦାହରଣ ରୂପର ଉପସ୍ଥାପନ କରାଗଲା । ଯେଉଁଥିରେ ଧର୍ମ ନାମରେ କୌଣସି ପ୍ରକାରର ବାଧ୍ୟ ବାଧକତା ଓ କଠୋରତାକୁ ବାରଣ କରାଯାଇଛି ଏବଂ ମୁରତଦ୍ ମାନଙ୍କର ଚର୍ଚ୍ଚା କରି ସେମାନଙ୍କୁ କୌଣସି ପ୍ରକାରର ଦଣ୍ଡ ବ୍ୟବସ୍ଥା ନଥିବା , ଏହା ଆମର ମାର୍ଗଦର୍ଶନ କରୁଅଛି ଯେ ମୁରତଦ୍ ହୋଇଯାଇଥିବା ଲୋକମାନଙ୍କ ନିମନ୍ତେ ଇସଲାମୀୟ ଶରିୟତ୍ କୌଣସି ଶାରିରୀକ ତଥା ସାଂସାରିକ ଦଣ୍ଡକୁ ଧାର୍ଯ୍ୟ କରିନାହିଁ ।

ପବିତ୍ର କୁରାନର ଏହି ଶିକ୍ଷା ଓ ଏହି ଦୃଷ୍ଟିକୋଣର ସମର୍ଥନ ଏଥିରୁ ବି ହୋଇଥାଏ ଯେ ପବିତ୍ର କୁରଆନରେ ସ୍ଥାନେ ସ୍ଥାନେ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

ମୁନାଫିକ୍ (କପଟବିଶ୍ୱାସୀ) ମାନଙ୍କର ଚର୍ଚ୍ଚା ମହଜୁଦ୍ ରହିଛି ଏବଂ ମୁନାଫିକ୍ (କପଟବିଶ୍ୱାସୀ) ମାନଙ୍କର କୁପ୍ରବୃତି ବିଷୟରେ ଏତେ ମାତ୍ରାରେ ବର୍ଣ୍ଣନା କରାଯଇଛି ଯେ କୁଫାର୍ (ଅବିଶ୍ୱାସୀ) ମାନଙ୍କର ଖରାପ ପ୍ରବୃତି ଗୁଡିକର ଏତେ ମାତ୍ରାରେ ବର୍ଣ୍ଣନା କରାଯାଇନାହିଁ । ସେହି ଲୋକମାନଙ୍କୁ ଫାସିକ୍ ବୋଲି କୁହାଯଇଛି ମଧ୍ୟ । ତାଙ୍କୁ କାଫିର୍ ବି କୁହାଯାଇଛି । ସେମାନଙ୍କ ସମ୍ବନ୍ଧରେ ଇସଲାମ୍ ଆଣିବା ପରେ ଅବିଶ୍ୱାସୀ ହୋଇଯାଇଥିବାର ଚର୍ଚ୍ଚା କରାଯାଇଅଛି । କିନ୍ତୁ ଏପରି କୌଣସି ମୁନାଫିକ ମାନଙ୍କ ପାଇଁ ନାତ କୌଣସି ପ୍ରକାରର ଦଣ୍ଡ ଦିଆଯିବାର ବ୍ୟବସ୍ଥା ରହିଛି ନା ଇସଲାମର କୌଣସି ଐତିହାସିକ ସାକ୍ଷ୍ୟ ଅଛି । ସୁତରାଂ ମୁନାଫିକ୍(ଅର୍ଥାତ କପଟବିଶ୍ୱାସୀ)ମାନଙ୍କ ସମ୍ବନ୍ଧରେ ଚର୍ଚ୍ଚାକରି ଅଲ୍ଲାଃତାଲା କହିଛନ୍ତି : ***କୁଲ୍ ଅନଫିକୁ ତୌଅନ୍ ଅଓ କର୍‌ହନ୍ ...........ୱ୍ମା ୟୁନ୍‌ଫିକୁନା ଇଲ୍ଲା ୱ୍ହୁମ୍ କାରିହୁନ୍ । (ସୁରଃ ତୌବାଃ:୫୩-୫୪)*** ଅର୍ଥାତ ତୁମେ (ସେମାନଙ୍କୁ) କୁହ ; "ସ୍ୱେଚ୍ଛାପୂର୍ବକ ବା ଅନିଚ୍ଛାପୂର୍ବକ ବ୍ୟୟ କର, ତୁମମାନଙ୍କଠାରୁ କୌଣସି ପ୍ରକାରେ (ତୁମମାନଙ୍କର ଦାନ) ଗ୍ରହଣ କରାଯିବ ନାହିଁ ; କାରଣ ତୁମେମାନେ ଅମାନ୍ୟକାରୀ ସମ୍ପ୍ରଦାୟ । ଏବଂ ସେମାନଙ୍କର ଦାନକୁ ଗ୍ରହଣ କରାଯିବାରେ ଏହା ବ୍ୟତୀତ ଅନ୍ୟ କ'ଣ ପ୍ରତିବନ୍ଧକ ଅଛି ଯେ ସେମାନେ ଅଲ୍ଲାଃ ଓ ତାହାଙ୍କର ରସୁଲଙ୍କୁ ଅମାନ୍ୟ କରୁଥିଲେ ଓ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ଅନିଚ୍ଛାପୂର୍ବକ ବ୍ୟୟ କରୁଥିଲେ ।

ଏହି ଆୟତ କରିମାରେ ମୁନାଫିକମାନଙ୍କୁ ଫାସିକ୍ ଅଭିହିତ କରାଯାଇଛି ଏବଂ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ଅମାନ୍ୟକାରୀ ଭାବରେ ଅଭିହିତ କରାଯାଇଅଛି । ପୁଣି ସେମାନଙ୍କ ଏତେ ପ୍ରଚଣ୍ଡ ମାତ୍ରାରେ କୁଫର୍ (ଅର୍ଥାତ ଅମାନ୍ୟକାରୀ ହେବା)ବିଷୟରେ ଅଲ୍ଲାଃ ତାଲା କହିଛନ୍ତି : ***ୟହଲେଫୁନା ବିଲ୍ଲାହି ମା କାଲୁ ......... ୱ୍ମା ଲହୁମ୍ ଫିଲ୍‌ଅର୍‌ଜି ମିଉଁ ୱ୍ଲିୟିଉଁ ୱ୍ଲା ନସିର୍ (ସୁରଃ ତୌବାଃ:୭୪)*** ସେମାନେ ଅଲ୍ଲାଃଙ୍କ ନାମରେ ଶପଥ କରନ୍ତି ଯେ ସେମାନେ କୌଣସି (ମନ୍ଦ) କଥା କହିନାହାନ୍ତି ; ଅଥଚ ସେମାନେ ଅବିଶ୍ୱାସ କରିବା କଥା କହିଛନ୍ତି, ଏବଂ ଇସଲାମ୍ ଗ୍ରହଣ କରିବା ପରେ ଅବିଶ୍ୱାସ କରିଛନ୍ତି ; ସେମାନେ (ଇସଲାମ ବିରୁଦ୍ଧରେ) ଯାହା ହାସଲ କରିପାରିବେ ନାହିଁ, ସେ ବିଷୟ କାମନା କରିଛନ୍ତି ; ଏବଂ ସେମାନେ ସେ (ମୁସଲମାନ)ମାନଙ୍କ ସହିତ କେବଳ ଏଥିଯୋଗୁଁ ଶତୃତା କରିଛନ୍ତି ଯେହେତୁ ଅଲ୍ଲାଃ ଓ ତାହାଙ୍କ ରସୁଲ ନିଜ କୃପାରୁ ସେମାନଙ୍କୁ ଧନବାନ୍ କରିଛନ୍ତି ; ସୁତରାଂ ଯଦି ସେମାନେ ଅନୁତାପ କରନ୍ତି ତେବେ (ତାହା) ସେମାନଙ୍କ ପାଇଁ ଶ୍ରେୟସ୍କର ହେବ;ଏବଂ ଯଦି ସେମାନେ ପୃଷ୍ଠଭଙ୍ଗ କରି ଫେରି ଯାଆନ୍ତି, ତେବେ ଅଲ୍ଲାଃ ସେମାନଙ୍କୁ ଇହକାଳ ଓ ପରକାଳରେ ଯନ୍ତ୍ରଣାଦାୟକ ଶାସ୍ତି ପ୍ରଦାନ କରିବେ;ଏବଂ ଏହି ପୃଥିବୀରେ ସେମାନଙ୍କର କେହି ବନ୍ଧୁ କି ସାହାଯ୍ୟକାରୀ ହେବେ ନାହିଁ । । ସେହିପରି ସୁରାଃ ତୌବାଃର ଆୟତ ନଂ *୬୬* ରେ ଅଲ୍ଲାଃତାଲା କହିଛନ୍ତି : ତୁମେମାନେ ଇମାନଆଣିବା ପରେ କାଫିର୍ ହୋଇଗଲ । ଲା ତାତଜିରୁ କଦ୍ କଫରତୁମ୍ ବାଦା ଇମାନିକୁମ୍ । ତୁମେ କିଛି ବି ବାହାନା କରନାହିଁ । ତୁମେ ଇମାନ(ବିଶ୍ୱାସ )ଆଣିବା ପରେ ଅବିଶ୍ୱାସୀ ହୋଇଯାଛ ।

ସେହିପରି ମୁନାଫିକ୍ ମାନଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ସୁରଃ ଅଲମୁନାଫିକୁନ୍ ଅବତୀର୍ଣ୍ଣ ହୋଇଅଛି । ସେଥିରେ କୁହାଯାଇଅଛି ଯେ: ***ଇତ୍‌ତଖଜୁ ଅଇମାନହୁମ୍ ଜୁନ୍ନତନ୍ ଫସଦ୍ଦୁ ଅନ୍ ସବିଲିଲ୍ଲାହି ଇନ୍ନହୁମ୍ ସାଆ ମାକାନୁ ୟାମଲୁନ୍ ଜାଲିକା ବିଅନ୍ନହୁମ୍ ଆମନୁ ସୁମ୍ମା କଫରୁ ଫତୁବିଆ ଅଲା କୁଲୁବିହିମ୍ ଫହୁମ୍ ଲାୟଫକହୁନା ।(ସୁରଃ ଅଲମୁନାଫିକୁନ୍:୩-୪)*** ଅର୍ଥାତ ସେମାନେ ନିଜ ଶପଥକୁ (ତୁମ୍ଭଠାରୁ ରକ୍ଷା ପାଇବା ସକାଶେ)ଢାଲ (ରୂପେ ବ୍ୟବହାର)କରିଛନ୍ତି ; ଏବଂ ସେମାନେ ଅଲ୍ଲାଃଙ୍କ ପଥରୁ ଲୋକମାନଙ୍କୁ ବାଧା ଦେଉଛନ୍ତି ; ସେମାନେ ଯାହା କରୁଛନ୍ତି ତାହା ଅତ୍ୟନ୍ତ ମନ୍ଦ ଅଟେ । ଏହି କାର୍ଯ୍ୟ ସେମାନେ ଏଥିଯୋଗୁଁ କରୁଛନ୍ତି ଯେ ସେମାନେ ବିଶ୍ୱାସ କଲେ, ଓ ପରେ ଅବିଶ୍ୱାସ କଲେ ; ଯାହା ଫଳରେ ସେମାନଙ୍କ ହୃଦୟରେ ମୋହର ଲଗାଇ ଦିଆଗଲା ଏବଂ ବର୍ତମାନ ସେମାନେ (ତାହା) ବୁଝୁ ନାହାନ୍ତି । ଏଠାରେ ବି ସେହି ଲୋକମାନଙ୍କ ଇମାନ୍ ଆଣିବା ଓ ତାପରେ ପୁଣି ଅସ୍ୱୀକାର କରିଦେବା ବିଷୟରେ ଚର୍ଚ୍ଚା କରାଯାଇଛି । କିନ୍ତୁ କୌଣସି ପ୍ରକାରର ଦଣ୍ଡବିଧାନ ଧାର୍ଯ୍ୟ କରାଯାଇନାହିଁ କି ଦିଆଯାଇନାହିଁ ।

ଅତଏବ ଏହିପରି ଅନେକ ଆୟତ ରହିଛି ଯେଉଁଥିରେ ଏହିପରି ଲୋକମାନଙ୍କର ଚର୍ଚ୍ଚା କରାଯାଇଅଛି ଯେ ଯେଉଁମାନେ ଇମାନ୍ ଆଣିଥାନ୍ତି ଏବଂ ପୁଣି ଖୋଲା ଖୋଲି ଭାବରେ ବା ନିଜ କର୍ମ ଜରିଆରେ କୁଫର୍ (ଅବିଶ୍ୱାସ)କୁ ଆପଣେଇନେଇଥାନ୍ତି । ଏହିପରି ଲୋକମାନଙ୍କୁ ଫାସିକ୍ , କାଫିର୍ ଏବଂ ମୁରତଦ୍ ତ କୁହାଯାଇଅଛି କିନ୍ତୁ ସେମାନଙ୍କ ପାଇଁ ମୃତ୍ୟୁଦଣ୍ଡ ଇତ୍ୟାଦି କୌଣସି ଦଣ୍ଡବିଧାନ ଧାର୍ଯ୍ୟ କରାଯାଇନାହିଁ ।

ଆଁହଜରତ୍ ସ ଆ ସ ମୁରତଦ୍ ସମ୍ବନ୍ଧରେ କଣ କହିଛନ୍ତି । ପବିତ୍ର କୁରଆନ୍ ପରେ ଏବେ ଆମେ ଏ ସମ୍ବନ୍ଧରେ ଦେଖିଥାଉଁ ଯେ ଯେଉଁ ପବିତ୍ର ଅସ୍ତିତ୍ୱ ଉପରେ ପବିତ୍ର କୁରଆନ୍ ଅବତୀର୍ଣ୍ଣ କରାଯାଇଅଛି , ଯିଏ **କାନା ଖୁଲୁକୁହୁଲ୍ କୁର୍‌ଆନ୍** ର ସତ୍ୟାନୁରୂପ ଅସ୍ତିତ୍ୱ ଥିଲେ ଯିଏ ନିଜ କର୍ମଦ୍ୱାରା ପବିତ୍ର କୁରଆନର ନିର୍ଦ୍ଦେଶାବଳୀଗୁଡିକୁ ପ୍ରଣୟନ କରି ନିଜର ନମୁନା ତଥା ନିଜର ଆଦର୍ଶକୁ ଉପସ୍ଥାପନ କଲେ, ସେହି ପବିତ୍ର ଅସ୍ତିତ୍ୱ ମୁରତଦ୍ ମାନଙ୍କ ସମ୍ବନ୍ଧରେ କଣ କହିଛନ୍ତି ?

ସହି ବୁଖରୀରେ ଦରଜ ହୋଇଥିବା ନିମ୍ନଲିଖିତ ଘଟଣା ଏହାର ନିଷ୍ପତି କରିଦେଉଛି ଯେ ମୁରତଦ୍ ହୋଇଯାଇଥିବା ଲୋକପାଇଁ କୌଣସି ପ୍ରକାରର ଶରିୟତି(ଐଶିବିଧାନ ସମ୍ବଳିତ)ଦଣ୍ଡର ପ୍ରାବଧାନ ନଥିଲା । ସେହି ହଦିସର ବାକ୍ୟ ଏପରି ରହିଛି : ହଜରତ୍ ଜାବିର୍ ବିନ୍ ଅବଦୁଲ୍ଲାଃ ର ଅ ବର୍ଣ୍ଣନା କରିଛନ୍ତି ଯେ ଜଣେ ଆରାବି(ବେଡୁଇନ୍) ନବି ସ ଆ ସ ଙ୍କ ନିକଟକୁ ଆସିଲା ଓ ଇସଲାମ୍ ଗ୍ରହଣ କରିବା ପରେ ଆପଣ ସ ଆ ସ ଙ୍କ ନିକଟରେ ବୟତ କରିନେଲେ । ତାପରଦିନ ସେହି ଆରାବିକୁ ମଦିନାରେ ଜ୍ୱର ହୋଇଗଲା । ସେ ଆଁ ହଜରତ୍ ସ ଆ ସ ଙ୍କ ନିକଟକୁ ଆସି କହିଲେ ଯେ ମୋ ବୟତକୁ ମତେ ଫେରାଇ ଦିଅ । ଏହିପରି ସେ ପୁଣି ଆସି ସେହି ବୟତ ଫେରାଇଦେବା କଥା କହିଲା । ମହାଭାଗ ସ ଆ ସ ତାକୁ ତିନିଥର ମନାକରିଦେଲେ । ତା କଥାର ଉତର ଦେଲେନାହିଁ । ପୁଣି ସେହି ଆରାବି ମଦିନାରୁ ଚାଲିଗଲା । ଏଥିରେ ଆଁ ହଜରତ୍ ସ ଆ ସ କହିଲେ ଯେ ମଦିନା ଗୋଟିଏ ଭଟି ସଦୃଶ । ଇଏ ମଇଳାକୁ ବାହାର କରିଦେଇଥାଏ ଓ ଅସଲ ପବିତ୍ର ଜିନିଷଗୁଡିକୁ ଶୁଦ୍ଧ କରିଦେଇଥାଏ । (ସହି ବୁଖାରୀ,କିତାବ ଫଜାଏଲୁଲ୍ ମଦିନାଃ ......ହଦିସ ନଂ-୧୮୮୩)

ହଜରତ୍ ମୌଲାନା ଶେରଲୀ ସାହେବ୍ ର ଅ ନିଜ ପୁସ୍ତକ 'କତଲ୍ ମୁରତଦ୍ ଅଓର୍ ଇସଲାମ୍' (ଏହା ତାଙ୍କ ରଚିତ ଗୋଟିଏ ପୁସ୍ତକ ଥିଲା । ଏହା ହଜରତ୍ ଖଲିଫତୁଲ୍ ମସିହ୍ ସାନି ର ଅ ଙ୍କ ତତ୍ୱାବଧାନରେ ପ୍ରସ୍ତୁତ କରାଯାଇଥିଲା । ସେଥିରେ)ଏହି ହଦିସକୁ ଦରଜ କରାଯାଇଅଛି । ସେ ତାପରେ ଲେଖିଛନ୍ତି ଯେ ସେହି ଲୋକଟି ଆଁ ହଜରତ୍ ସ ଆ ସଙ୍କ ନିକଟକୁ ବାରମ୍ବାର ଆସିବା ଏହା ସୂଚାଇ ଦେଉଛି ଯେ ମୁରତଦ ଲୋକର ଦଣ୍ଡ ମୃତ୍ୟୁଦଣ୍ଡ ନିର୍ଦ୍ଧାରିତ ନଥିଲା । ନଚେତ କେବେ ବି ଆଁ ହଜରତ୍ ସ ଆ ସ ଙ୍କ ନିକଟକୁ ସେ ଆସିନଥାନ୍ତା ବରଂ ସେ ଏ ଚେଷ୍ଟା କରିଥାନ୍ତା ଯେ ସେ କାହାରିକୁ କିଛି ନଜଣାଇ ଚୁପଚାପ୍ ଖସି ପଳାଇଯାଇଥାନ୍ତା । ପୁଣି ସେ ଉଲ୍ଲେଖ କରିଛନ୍ତି ଯେ ଆମକୁ ଏକଥା ବତାଯାଇଥାଏ ଯେ ମୁରତଦର ମୃତ୍ୟୁଦଣ୍ଡକୁ ରୋକିବା ପାଇଁ ଇସଲାମୀୟ ଶରିୟତରେ ଏପରି ଦଣ୍ଡବିଧାନ ରଖାଯାଇଅଛି । ଏହାର ଉଦ୍ଦେଶ୍ୟ ହେଉଛି କେବଳ ଏତିକି ଯେ ଲୋକମାନଙ୍କୁ ଇସଲାମରେ ରହିବାପାଇଁ ବାଧ୍ୟକରାଯାଉ । ଯଦି ଏକଥା ସତ ତାହେଲେ ଆଁ ହଜରତ୍ ସ ଆ ସ କାହିଁକି ସେ ଲୋକଟିକୁ ଚେତାବନୀ ଦେଲେ ନାହିଁ , ଯିଏ ବାରମ୍ବାର ଆପଣ ସ ଆ ସଙ୍କ ନିକଟକୁ ଆସୁଥିଲା ଏବଂ କାହିଁକି ଏକଥା କହିଦେଲେ ନାହିଁ ଯେ ମନେରଖ ଇସଲାମରେ ଇରତାଦ(ଅର୍ଥାତ ଧର୍ମ ପରିବର୍ତନ କରି ଚାଲିଯିବାର)ଦଣ୍ଡ ହେଉଛି ମୃତ୍ୟୁଦଣ୍ଡ । ଯଦି ତୁମେ ଇରତାଦ୍‌ର ରାସ୍ତାକୁ ଆପଣେଇବ ତାହେଲେ ତୁମକୁ ହତ୍ୟାକରିଦିଆଯିବ । ଯେବେକି ସେ ବାରମ୍ବାର ଇରତାଦର ପ୍ରକାଶ କରୁଥିଲା ଓ ଏଶଂକା ଥିଲା ଯେ ସେ ଇସଲାମ ଛାଡି ଚାଲିଯିବ । ପୁଣି ଏପରି ପରିସ୍ଥିତିରେ କାହିଁକି ତାଉପରେ କଡା ନଜର ରଖାଗଲା ନାହିଁ ? ଯଦ୍ୱାରା ସେ ଯଦି ମୁରତଦ୍ ହୋଇଯାଏ ତାହେଲେ ତାକୁ ଧରିପାରିଥାନ୍ତେ ଓ ତାଉପରେ ଶରିଆ ବିଧାନ ଜାରି କରିଥାନ୍ତେ । କାହିଁକି ସାହାବାମାନେ ତାକୁ ଏକଥାକହିଲେ ନାହିଁ ଯେ ମିଆଁ ଯଦି ଜୀବନ ଜିଇଁବାକୁ ଚାହୁଁଅଛ ତାହେଲେ ଇରତାଦର ନା ତୁଣ୍ଡରେ ଧରନାହିଁ । କାରଣ ଏ ସହରରେ ତ ଏନିୟମ କାନୁନ୍ ରହିଆସିଛି ଯେ ଯଦି ଜଣେ ଇସଲାମ ଗ୍ରହଣ କରି ପୁଣି ତାହାକୁ ପରିତ୍ୟାଗ କରେ ତାହେଲେ ତାକୁ ତତକ୍ଷଣାତ୍ ମୃତ୍ୟୁଦଣ୍ଡ ମିଳିଥାଏ । ଅତେବ ସେହି ଆରାବିର ବାରମ୍ବାର

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ୍ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

ଇରତାଦର ପ୍ରକାଶ କରିବା ଏବଂ ତାହାର ଆଁ ହଜରତ୍ ସ ଆ ସଙ୍କ ନିକଟକୁ ବାରମ୍ବାର ଯିବା ପୁଣି ଆଁ ହଜରତ୍ ସ ଆ ସ ତାକୁ ତା ଇରତାଦ ପାଇଁ ସଚେତନ ନକରିବା, ପୁଣି ସାହାବାମାନଙ୍କୁ ତାକୁ ହତ୍ୟାକରିବା ପାଇଁ ନିର୍ଦ୍ଦେଶ ନଦେବା ପରିଶେଷରେ ସେ ମଦିନାରୁ ବିନା କୌଣସି ଦ୍ୱନ୍ଦରେ ଚାଲିଯିବା ଏହସବୁ କଥାଗୁଡିକ ସ୍ୱଷ୍ଟଭାବରେ ସାକ୍ଷ୍ୟ ଦେଉଅଛି ଯେ ଇସଲାମରେ ମୁରତଦ ପାଇଁ କୌଣସି ଶରିଆ ଦଣ୍ଡବିଧାନ ଧାର୍ଯ୍ୟ ନଥିଲା । ପୁଣି ଆଁ ହଜରତ୍ ସ ଆ ସ ସେହି ଲୋକଟିର ଇସଲାମକୁ ଛାଡି ଚାଲିଯିବାରେ ଏକ ପ୍ରକାରର ଖୁସି ବ୍ୟକ୍ତ କରିବା ତଥା ଏହା କହିବା କି ମଦିନା ଗୋଟିଏ ଭଟ୍ଟି ସଦୃଶ ଯାହା ମଇଳା ଜିନିଷକୁ ପବିତ୍ର କରି ଶୁଦ୍ଧ କରିଦେଇଥାଏ, ଏହା ସ୍ୱଷ୍ଟ ଭାବରେ ଜାହିର କରୁଅଛି ଯେ ଆପଣ ସ ଆ ସ ଏହି ସିଦ୍ଧାନ୍ତର ବିରୋଧି ଥିଲେ ଯେ କାହକୁ ଜୋର୍ ଜବରଦସ୍ତି ଇସଲାମରେ ରଖାଯାଉ । ବରଂ ଯଦି ଅପବିତ୍ର ମଣିଷ ମୁସଲମାନମାନଙ୍କଠାରୁ ଅଲଗା ହୋଇଯାଏ ତାହେଲେ ଆପଣ ସ ଆ ସ ଏଥିରେ ଦୁଃଖ କରୁନଥିଲେ । ଆଁ ହଜରତ୍ ସ ଆ ସ ଏ ଚେଷ୍ଟାକରୁନଥିଲେ ଯେ ତାକୁ ତା ଇଚ୍ଛା ବିରୁଦ୍ଧରେ ବାଧ୍ୟକରି ଇସଲାମରେ ରଖାଯାଉ ବରଂ ଏପରି ଲୋକର ଚାଲିଯିବାକୁ ଆଁ ହଜରତ୍ ସ ଆ ସଙ୍କ ନିକଟରେ ମଇଳା ସଫା ହୋଇଯିବା ସଦୃଶ ଥିଲା । ଯଦି ଆଁ ହଜରତ୍ ସ ଆ ସଙ୍କର ଏହି ସିଦ୍ଧାନ୍ତ ଥାନ୍ତା ଯେ ଯଦି କୌଣସି ବ୍ୟକ୍ତି ଥରେ ଇସଲାମ୍ ଗ୍ରହଣ କରିନିଏ,ତାକୁ ଯଥାସମ୍ଭବ ଇସଲାମରେ ରହିବାପାଇଁ ବାଧ୍ୟକରାଯାଉ ଓ ଯଦି ସେ କୌଣସି ପକାରେ ବି ନମାନେ ତାହେଲେ ତାକୁ ହତ୍ୟା କରିଦିଆଯାଉ ଯଦ୍ୱାରା ତାର ଉଦାହରଣ ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷା ହୋଇରହୁ । ତାହେଲେ ଆଁ ହଜରତ୍ ସ ଆ ସ ସେହି ଆରାବି ଉପରେ ଖପା ହୋଇଥାନ୍ତେ ଏବଂ ସାହାବାମାନଙ୍କୁ ପାଟି କରିଥାନ୍ତେ ଯେ ତୁମେ ତାକୁ କାହିଁକି ଯିବାକୁ ଦେଲ ? କାହିଁକି ତାକୁ ଧରି ହତ୍ୟାଧମକ ଦେଲନାହିଁ ? ପୁଣି ତାଙ୍କୁ ଏହା କରିବା ଉଚିତ ଥିଲା ଯେ ସେ ସାହାବାମାନଙ୍କୁ ହୁକୁମ୍ ଦେଇଥାନ୍ତେ ଯେ ଧାଇଁଯାଅ ଓ ସେ ଯେଉଁଠାରେ ବି ଥାଉ ତାକୁ ଯାଇ ଧରିଆଣ ଫଳତଃ ତାକୁ ମୃତ୍ୟୁଦଣ୍ଡ ଦିଆଯାଇପାରିବ । କିନ୍ତୁ ଆପଣ ସ ଆ ସ ଏପରି କଲେ ନାହିଁ । ବରଂ ଅନ୍ୟଭାଷାରେ ଏହା କହିଲେ ଯେ ଭଲ ହେଲା ସେ ଚାଲିଗଲା । କାରଣ ସେ ଏହାର ଯୋଗ୍ୟ ନଥିଲା ଯେ ସେ ମୁସଲମାନମାନଙ୍କ ମଧ୍ୟରେ ରହୁ । ଖୁଦାତାଲା ସ୍ୱଂୟ ନିଜ ହାତରେ ତାକୁ ଆମଠାରୁ ଅଲଗା କରିଦେଲେ । ସୁତରାଂ ସେହି ଆରାବିର ଉଦାହରଣ ଏକଥାର ଗୋଟିଏ ବଳିଷ୍ଠ ତଥା ବିଶ୍ୱସନୀୟ ପ୍ରମାଣ ଯେ ମୁରତଦ୍ ପାଇଁ କୌଣସି ଶରିଆ ଦଣ୍ଡ ଧାର୍ଯ୍ୟନଥିଲା ଏବଂ ମୁସଲମାନମାନଙ୍କ ମଧ୍ୟରେ କେବେ ବି ଏପରି ପ୍ରଥା ପ୍ରଚଳନ ନଥିଲା ଯେ ସେ ପ୍ରତ୍ୟେକ ମୁରତଦକୁ କେବଳ ତାର ଇରତାଦ(ଅର୍ଥାତ ଧର୍ମକୁ ଛାଡି ଚାଲିଯିବା)ଯୋଗୁଁ ହତ୍ୟା କରିଦେଇଥାନ୍ତେ । (ଉଦ୍ଧୃତ କତଲ୍ ମୁରତଦ୍ ଅଓର୍ ଇସଲାଲମ୍ ମୌଲଓ୍ୱି ଶେରଲୀ ସାହେବ୍ ପୃ-୧୦୯-୧୧୧ ମୁଦ୍ରିତ ୧୯୨୫)

ଏହାର ଦ୍ୱିତୀୟ ପ୍ରମାଣ ହେଉଛି ଏହା କି ମୁରତଦ୍ ପାଇଁ କୌଣସି ଶରିଆ ଦଣ୍ଡ ଧାର୍ଯ୍ୟନଥିଲା, ସର୍ତାବଳୀ ଥିଲା ଯାହା ସହିତ ଆଁହଜରତ୍ ସ ଆ ସ ହୁଦବିୟାଠାରେ ମୁସରିକମାନଙ୍କ ସହିତ ସୁଲାହ କରିଥିଲେ । ସୁଲାହ ହୁଦବିୟା ର ହଦିସରେ ଉଲ୍ଲେଖ ରହିଛି ଯାହାକୁ ବରାଅ ବିନ୍ ଆଜିବ୍ ବର୍ଣ୍ଣନା କରିଛନ୍ତି ଯେ ନବି ସ ଆ ସ ହୁଦବିୟା ଦିନ ମୁସରିକମାନଙ୍କ ସହିତ ତିନୋଟି କଥାରେ ସୁଲାହ୍ କରିଥିଲେ । ପ୍ରଥମ ସର୍ତ ଏହା ଥିଲା ଯେ ଯଦି ମୁସରିକମାନଙ୍କ ମଧ୍ୟରୁ ଜଣେ ମୁସଲମାନ ହୋଇ ଆଁହଜରତ୍ ସ ଆ ସ ଙ୍କ ନିକଟକୁ ଆସିଯାଏ ତାହେଲେ ଆପଣ ସ ଆ ସ ତାକୁ ମୁସରିକମାନଙ୍କ ନିକଟକୁ ଲେଉଟାଇଦେବେ । ଦ୍ୱିତୀୟ ସର୍ତ ଏହା ଥିଲା ଯେ ଯଦି ମୁସଲମାନମାନଙ୍କ ମଧ୍ୟରୁ ଜଣେ ମୁରତଦ୍ ହୋଇ ମୁସରିକମାଙ୍କ ନିକଟକୁ ଚାଲିଯାଏ ତାହେଲେ ମୁସରିକମାନେ ତାକୁ ଆଁହଜରତ୍ ସ ଆ ସ ଙ୍କ ନିକଟକୁ ପଠାଇବେ ନାହିଁ । (ସହି ବୁଖାରୀ କିତାବୁସ ସୁଲାହ୍ ......ହଦିସ ନଂ-୨୭୦୦)

ଏହି ସୁଲାହ ନାମାର ଦ୍ୱିତୀୟ ସର୍ତରୁ ସ୍ୱଷ୍ଟ ଜଣାପଡୁଛି ଯେ ମୁରତଦ୍ ବ୍ୟକ୍ତି ପାଇଁ କୌଣସି ଶରିଆ ଦଣ୍ଡ ଧାର୍ଯ୍ୟ ନଥିଲା କାରଣ ଯଦି ଇରତାଦ୍ ପାଇଁ ଇସଲାମର ଶରିଆ ଆଇନରେ ଏହି ଦଣ୍ଡଲାଗୁ ଥାନ୍ତା ଯେ ତାକୁ ହତ୍ୟା କରିଦିଆଯାଉ ତାହେଲେ ଶରିଆ ଦଣ୍ଡବିଧାନ ଆଧାରରେ ମଧ୍ୟ କେବେ ବି ଆପଣ ସ ଆ ସ ମୁସରିକମାନଙ୍କର କଥାକୁ ଗ୍ରହଣ କରିନଥାନ୍ତେ । । ଏତଦବ୍ୟତୀତ ମଧ୍ୟ ଏପରି ଅନେକ ଘଟଣାବଳୀମାନ ରହିଛି ଯେଉଁଥିରୁ ଭଲଭାବରେ ସ୍ୱଷ୍ଟ ହୋଇଯାଉଛି ଯେ ନବି କରିମ୍ ସ ଆ ସ ଙ୍କ ପବିତ୍ର ଯୁଗରେ କିଛି ଲୋକେ ହିଁ ଇସଲାମ୍ ଧର୍ମକୁ ପରତ୍ୟାଗ କରିଥିଲେ । କିନ୍ତୁ କେବଳ ଇରତାଦ୍ ଯୋଗୁଁ ସେମାନଙ୍କ ସହିତ କୌଣସି ପ୍ରକାରର ବଦଳା ନିଆଯାଇନଥିଲା । ହଁ ଯେତେବେଳେ ସେମାନେ ଯୁଦ୍ଧ କରିବାକୁ ଅଂଟା ଭିଡିଲେ ଓ ବିଦ୍ରୋହ ବିଶୃଙ୍ଖଳା ସୃଷ୍ଟି କଲେ ସେତେବେଳେ ପୁଣି ସେମାନଙ୍କ ସହିତ ଯୁଦ୍ଧ କରାଗଲା ।

ହଜରତ୍ ମୁସଲେହ୍ ମଉଦ୍ ର ଅ ପବିତ୍ର କୁରଆନର ଆଉ ଏକ ଆୟତରୁ ମଧ୍ୟ ଏହି ପ୍ରସଙ୍ଗର ସମାଧାନ ଏପରି ବାହାର କରିଛନ୍ତି ଯେ “ଓ୍ୱମା ଅଲର୍ ରସୁଲି ଇଲ୍ଲଲ୍ ବଲାଗୁଲ୍ ମୁବିନ୍”ଆୟତରେ ଏଥିପ୍ରତି ଇସାରା ଅଛି ଯେ ତରବାରୀ ବ୍ୟତୀତ ତବଲିଗ୍ ଦ୍ୱାରା କାମ ହାସଲକରିବା ହିଁ ଗୋଟିଏ ପୁରୁଣା ସିଦ୍ଧାନ୍ତ । ହଜରତ୍ ଇବ୍ରାହିମ୍ ଆ ସ ମଧ୍ୟ ଏହି ସିଦ୍ଧାନ୍ତକୁ ଆପଣେଇଥିଲେ । ତାଙ୍କ ଯୁଗର ଲୋକମାନଙ୍କୁ ବି ଖୁଦାତାଲାଙ୍କ ତରଫରୁ ଏହି ଆଦେଶ ହୋଇଥିଲା ଯେ ଆମର ଏହି ରସୁଲଙ୍କ କାମ ହେଉଛି ବାର୍ତାକୁ ପଂହଚାଇଦେବା, ତରବାରୀ ଦ୍ୱାରା ମନାଇବା ନୁହେଁ । ଏହା ହିଁ ସମଗ୍ର ପବିତ୍ର କୁରାନର ସାରାଂସ ଯେ ପ୍ରମାଣ ଉପଲବ୍ଧ କରାଇ କଥା ମନାଇବା ଧାର୍ମିକ ଲୋକମାନଙ୍କର କାମ ହୋଇଥାଏ ।

ଜୋରଜବ୍ରଦସ୍ତି ବାଧ୍ୟକରି ନିଜ କଥାକୁ ମନାଇବା ଧାର୍ମିକ ଲୋକମାନଙ୍କର କାମ ନୁହେଁ । କିନ୍ତୁ ଦଃଖର ବିଷୟ ଏହା କି ଏପର୍ଯ୍ୟନ୍ତ ସଂସାରବାସୀ ଏହି ପ୍ରସଙ୍ଗକୁ ବୁଝିପାରିଲା ନାହିଁ ବରଂ ଖୁଦ୍ ମୁସଲମାନମାନେ ବି ମୁରତଦକୁ ମୃତ୍ୟୁଦଣ୍ଡ ଦେବାକୁ ଉଚିତ ମଣୁଛନ୍ତି । ଯେବେ କି ଯାହାର ବିଶ୍ୱାସ ଯାହାଥାଉ ନା କାହିଁକି , ତାହା ମିଥ୍ୟା ହେଉ ବା ସତ୍ୟ , ତାକୁ ଏପରି ବି ସେ ସତ୍ୟ ବୋଲି ବୁଝିଥାଏ ଯେମିତି ଜଣେ ମୁସଲମାନ୍ ନିଜ ଧର୍ମକୁ ସତ୍ୟ ବୋଲି ଜାଣିଥାଏ । ଇସାଇୟତ୍ ମିଥ୍ୟା ହିଁ ହେଉ ନା କାହିଁକି କିନ୍ତୁ ପ୍ରଶ୍ନ ହେଉଛି ଏହା କି ପୃଥିବୀର ଅଧିକାଂଶ ଖ୍ରୀଷ୍ଟିଆନ ଇସାଇୟତକୁ କଣ ବୁଝୁଛନ୍ତି । ସେମାନେ ନିଶ୍ଚିତ ରୂପେ ତାକୁ ସଚ୍ଚା ଜାଣୁଛନ୍ତି । ହିନ୍ଦୁ ଧର୍ମ ହେଉଛି ମିଥ୍ୟା କିନ୍ତୁ ପ୍ରଶ୍ନ ହେଉଛି ଏହା କି ପୃଥିବୀର ଅଧିକାଂଶ ହିନ୍ଦୁ ନିଜ ଧର୍ମକୁ କଣ ବୁଝୁଛନ୍ତି ? ସେମାନେ ନିଶ୍ଚିତ ରୂପେ ତାକୁ ସଚ୍ଚା ଜାଣୁଛନ୍ତି । ଇହୁଦୀ ଧର୍ମ ବର୍ତମାନ ଯଦିଓ ସଚ୍ଚା ନୁହେଁ କିନ୍ତୁ ପ୍ରଶ୍ନ ହେଉଛି ଏହା କି ପୃଥିବୀର ଅଧିକାଂଶ ଇହୁଦୀ ଇହୁଦିୟତକୁ କଣ ବୁଝୁଛନ୍ତି । ସେମାନେ ନିଶ୍ଚିତ ରୂପେ ତାକୁ ସଚ୍ଚା ଜାଣୁଛନ୍ତି । ସୁତରାଂ ଏହିକଥାରେ ଯଦି କାହାକୁ ହତ୍ୟାକରାଯିବା ଉଚିତ ମଣାଯାଏ ଯେ ଯେହେତୁ ମୁଁ ଭାବୁଛି ଯେ ମୋ ଧର୍ମ ସଚ୍ଚା ଅନ୍ୟଧର୍ମ ମିଥ୍ୟା, “ଯଦି ଏତିକି କଥା”ତାହେଲେ ପୁଣି ଜଣେ ଇସାଇକୁ ଏ ହକ୍ କାହିଁକି ହାସଲ ହେବନାହିଁ ଯେ ସେ ଯେ କୌଣସି ମୁସଲମାନକୁ ଚାହିଁବ ହତ୍ୟା କରିବ । ଜଣେ ହିନ୍ଦୁକୁ ଏ ହକ୍ କାହିଁକି ହାସଲ ହେବନାହିଁ ଯେ ସେ ସେ ଜୋରଜବ୍ରଦସ୍ତି କାହାକୁ ହିନ୍ଦୁ କରିଦେଉ ବା ତାକୁ ମାରିଦେଉ । ଚିନ୍‌ରେ କନ୍‌ଫୁସିୟସ୍ ଧର୍ମର ଅନୁଯାୟୀମାନଙ୍କୁ ଏ ହକ୍ କାହିଁକି ମିଳିବ ନାହିଁ ଯେ ସେମାନେ ଜୋରଜବ୍ରଦସ୍ତି କାହାକୁ ବି ନିଜ ଧର୍ମରେ ସାମିଲ କରିପାରିବେ । ଫିଲିପାଇନ୍ ଯେଉଁଠି ଏବେ ବି ପନ୍ଦର କୋଡିଏ ହଜାର୍ ମୁସଲମାନ ଅଛନ୍ତି “ସେ ସମୟର କଥା ଯେତେବେଳେ ହଜରତ୍ ମୁସଲେହ୍ ମଉଦ୍ ର ଅ ଏହାକହୁଥିଲେ । ଏବେ ତ ଅଧିକ ସଂଖ୍ୟାରେ ଅଛନ୍ତି”ଖ୍ରୀଷ୍ଟିଆନମାନଙ୍କୁ କାହିଁକି ଏ ହକ୍ ନାହିଁ ଯେ ସେମାନେ ମୁସଲମାନମାନଙ୍କୁ ଜୋରଜବ୍ରଦସ୍ତି ଖ୍ରୀଷ୍ଟିଆନ କରିଦିଅନ୍ତୁ । ଆମେରିକାକୁ କାହିଁକି ଏ ଅଧିକାର ମିଳିବ ନାହିଁ ଯେ ସେ ତା ଦେଶରେ ରହୁଥିବା ମୁସଲମାନମାନଙ୍କୁ ଇସାଇ କରିଦିଅନ୍ତୁ । ଋଷକୁ କାହିଁକି ଏ ଅଧିକାର ମିଳିବ ନାହିଁ ଯେ ସେ ଜୋରଜବ୍ରଦସ୍ତି ସମସ୍ତଙ୍କୁ ଇସାଇ କରିଦେଉ ବା ଜୋରଜବ୍ରଦସ୍ତି ସମସ୍ତଙ୍କୁ କମ୍ୟୁନିଷ୍ଟ କରିଦେଉ । ଯଦି ମୁସଲମାନ୍ ଅନ୍ୟମାନଙ୍କୁ ଜୋରଜବ୍ରଦସ୍ତି ନିଜ ପ୍ରଥା ବା ଧର୍ମରେ ଦିକ୍ଷିତ କରିପାରିବେ ତାହେଲେ ସେହିପରିକା ଅଧିକାର ବୌଦ୍ଧିକ ଦୃଷ୍ଟିକୋଣରୁ ଅନ୍ୟମାନଙ୍କୁ ବି ହାସଲ ହେବା ଉଚିତ । କିନ୍ତୁ କ’ଣ ଏହି ଅଧିକାରକୁ ଜାରି କରି ଏ ଦୁନିଆରେ କେବେ ବି ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

କ’ଣ ଏହି ଅଧିକାରକୁ ଜାରି କରି ତୁମେ ନିଜ ପୁଅକୁ ବି ଏହା କହିପାରିବ ଯେ ଏ ସିଦ୍ଧାନ୍ତ ଠିକ ଅଛି ବା ତୁମେ ନିଜ ପତ୍ନୀକୁ ଏହା କହିପାରିବ ଯେ ଏ କଥା ଠିକ୍ ଯେ ଇସାଇମାନଙ୍କୁ ବି ଏ ଅଧିକାର ରହିଛି ଯେ ସେମାନେ ମୁସଲମାନମାନଙ୍କୁ ଜୋରଜବ୍ରଦସ୍ତି ଇସାଇ ବନାଇଦିଅନ୍ତୁ । ମୁସଲମାନମାନଙ୍କୁ ଏ ଅଧିକାର ରହିଛି ଯେ ସେମାନେ ଜୋରଜବ୍ରଦସ୍ତି ମୁସଲମାନ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ବନାଇଦିଅନ୍ତୁ । ଇରାନୀମାନଙ୍କୁ ଏ ଅଧିକାର ରହିଛି ଯେ ସେମାନେ ସମସ୍ତ ହନଫିମାନଙ୍କୁ ଜୋରଜବ୍ରଦସ୍ତି ଶିହା ବନାଇଦିଅନ୍ତୁ । ଏବଂ ହନଫିମାନଙ୍କୁ ଏ ଅଧିକାର ରହିଛି ଯେ ସେମାନେ ସମସ୍ତଙ୍କୁ ଜୋରଜବ୍ରଦସ୍ତି ସୁନ୍ନି ବନାଇଦିଅନ୍ତୁ । ଅତଏବ ଏହା ଏମିତି ବୁଦ୍ଧି ବିପରୀତ କଥା ଯେ କୌଣସି ମଣିଷ ଏହାକୁ ଗୋଟିଏ ମିନିଟ୍ ପାଇଁ ବି ସ୍ୱୀକାର କରିପାରିବ ନାହିଁ । ବିଗତ ଅମ୍ବିୟାମାନଙ୍କ କୌମ୍ ଯେତେବେଳେ ବି ଇଶ୍ୱରୀୟ ହିଦାୟତ୍(ମାର୍ଗଦର୍ଶନ)କୁ ଅସ୍ୱୀକାର କରିଛି ସେତେବେଳେ ଖୁଦାତାଲା ସେମାନଙ୍କୁ ସମ୍ବୋଧନ କରି ଏହା କହିଛି ଯେ ଆ ନୁଲଜିମୁକୁମୁହା ୱ ଅନ୍ତୁମ୍ ଲହା କାରିହୁନା (ସୁରଃ ହୁଦ୍:୨୯)ଅର୍ଥାତ୍ ଯଦି ତୁମେ ହିଦାୟତ୍ ଗ୍ରହଣ କରିବାକୁ ପସନ୍ଦ କରୁନାହଁ ତାହେଲେ ଆମେ ଜୋରଜବ୍ରଦସ୍ତି ବାଧ୍ୟକରି ତୁମମାନଙ୍କୁ ହିଦାୟତ୍ ଦେଇପାରିବୁ ନାହିଁ । କିନ୍ତୁ ଦୁଃଖର କଥା ଏହା କି ଯେ ବର୍ତମାନ ଯୁଗରେ ମୁସଲମାନମାନଙ୍କ ମଧ୍ୟରେ ଏହି ସିଦ୍ଧାନ୍ତକୁ ଅସ୍ୱୀକାର କରୁଥିବା ଲୋକମାନେ ବି ମହଜୁଦ ଅଛନ୍ତି ।"ଏବଂ ଏବେ ଆମେ ଦେଖୁଛୁ ଯେ ମୁସଲମାନମାନଙ୍କର ଅଧିକାଂଶ ଲୋକେ ଏହା କହୁଛନ୍ତି "ଯଦି ଦୁନିଆ ଏହି ପ୍ରସଙ୍ଗକୁ ବୁଝିଯାଏ ତାହେଲେ ନିଶ୍ଚିତ ରୂପେ ଧାର୍ମିକ ତଥା ରାଜନୈତିକ କ୍ଷେତ୍ରେ ଜୁଲମ ଓ ଅତ୍ୟାଚାର ବନ୍ଦ ହୋଇଯାଆନ୍ତା । ନା ଲୋକମାନେ ନିଜର ଆସ୍ଥା ଓ ବିଶ୍ୱାସକୁ ଅନ୍ୟ ଲୋକମାନଙ୍କ ଉପରେ ଜୋରଜବ୍ରଦସ୍ତି ଥୋପନ୍ତେ ଓ ନା ଅନ୍ୟଦେଶମାନଙ୍କରେ ରାଜନୈତିକ ବ୍ୟବସ୍ଥାକୁ ଜୋରଜବ୍ରଦସ୍ତି ଜାରିକରିବା ପାଇଁ ଚେଷ୍ଟାକରନ୍ତେ ।"(ତଫସିର୍ କବିର୍ ଖ-୭ ପୃ-୬୦୬-୬୦୭)

ହଜରତ୍ ଅକଦସ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ "ମୁଁ ଏହା ଜାଣି ନାହିଁ ଯେ ଆମ ବିରୋଧିମାନେ କେଉଁଠାରୁ ଓ କାହାଠାରୁ ଶୁଣିଛନ୍ତି ଯେ ଇସଲାମ୍ ତରବାରୀର ଶକ୍ତି ଦ୍ୱାରା ବିସ୍ତାର ହୋଇଅଛି ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି ଯେ **ଲା ଇକ୍‌ରାହା ଫିଦ୍ଦିନ୍** ଅର୍ଥାତ ଇସଲାମ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ । ତାହେଲେ ପୁଣି କିଏ ଜୋରଜବ୍ରଦସ୍ତି କରିବାକୁ ଆଦେଶ ଦେଇଛି ଓ ଜୋରଜବ୍ରଦସ୍ତି କରିବାର ସାଧନ କଣ ଥିଲା? କ'ଣ ଯେଉଁ ମୁସଲଲମାନମାନଙ୍କୁ ଜୋରଜବ୍ରଦସ୍ତି ମୁସଲମାନ କରାଯାଉଅଛି, ସେମାନଙ୍କର ଏହିପରି ନିଷ୍ଠା ଓ ଏହିପରି ବିଶ୍ୱାସ ରହିଥାଏ ଯେ ବିନା କୌଣସି ଦରମା ପାଇ , ଦୁଇ ତିନିଶହ ଲୋକ ଥିବା ସତ୍ତ୍ୱେ ବି ସେମାନେ ହଜାର୍ ହଜାର୍ ଲୋକମନଙ୍କର ମୁକାବିଲା କରଥାନ୍ତେ ଏବଂ ଯେବେ ସେମାନଙ୍କର ସଂଖ୍ୟା ହଜାରରେ ପହଂଚି ଗଲା ସେତେବେଳେ ସେମାନେ ଲକ୍ଷାଧିକ ସଂଖ୍ୟାରେ ଥିବା ଶତୃଙ୍କୁ ପରାଜିତ କରିଦେଇଥାନ୍ତେ ଓ ଧର୍ମକୁ ଶତୃ କବଳରୁ ରକ୍ଷା କରିବା ପାଇଁ ଛେଳି ମେଣ୍ଢାଙ୍କ ପରି ମୁଣ୍ଡ କଟାଇଦେଇଥାନ୍ତେ ଏବଂ ଇସଲାମର ସତ୍ୟତା ପାଇଁ ନିଜ ଲହୁରେ ମୋହର ଲଗାଇଦେଇଥାନ୍ତେ ଏବଂ ଖୁଦାତାଲାଙ୍କ ଏକେଶ୍ୱରବାଦର ପ୍ରଚାର ପ୍ରସାର ପାଇଁ ଏମିତ ପ୍ରେମୀ ହୋଇଯାଇଥିଲେ ଯେ ଦରୱେଶ୍ ମାନଙ୍କ ସଦୃଶ ନିଜ ଉପରେ ଦୁଃଖ କଷ୍ଟ ଉଠାଇ ଆଫ୍ରିକାର ମରୁଭୂମିରେ ଯାଇ ପହଂଚି ଗଲେ ଓ ସେହି ଦେଶରେ ଇସଲାମର ପ୍ରଚାର ପ୍ରସାର କରିଦେଲେ । ପୁଣି ସେମାନେ ପ୍ରତ୍ୟେକ ପ୍ରକାରର ଦୁଃଖ ଓ କଷ୍ଟକୁ ସହି ଚିନ ଦେଶରେ ଯାଇ ପହଂଚିଗଲେ । ନା କୌଣସି ଯୁଦ୍ଧ କରିକି ସେଠାରେ ପହଂଚିଥିଲେ ବରଂ କେବଳ ଦରୱେଶ୍ ମାନଙ୍କ ସଦୃଶ । ସେହି ଦେଶରେ ପହଂଚି ଦାୱତେ ଇସଲାମ୍ (ଇସଲାମ୍ ପ୍ରତି ଆମନ୍ତ୍ରଣ)କଲେ । ଯାହାର ଫଳାଫଳ ଏହା ବାହାରିଲା ଯେ ସେମାନଙ୍କ ବାବରକତ୍ (କଲ୍ୟାଣମୟ)ଉପଦେଶ ଦ୍ୱାରା ଅନେକ କୋଟି ମୁସଲମାନ୍ ସେହି ଭୂଇଁରେ ସୃଷ୍ଟି ହୋଇଗଲେ । ପୁଣି ସେମାନେ ଦରୱେଶ୍ ମାନଙ୍କ ସଦୃଶ ହିନ୍ଦୁସ୍ତାନ୍ ଆସିଲେ । ଆର୍ଯ୍ୟବତର ଅନେକ ଅଂଶକୁ ଇସଲାମରେ ପରିଣତ କରିଦେଲେ । ୟୁରୋପର ସୀମା ପର୍ଯ୍ୟନ୍ତ ଲାଇଲାହା ଇଲ୍ଲଲ୍ଲାହା ର ଧ୍ୱନି ଗୁଞ୍ଜରଣ କଲେ । ଏବେ ତୁମେମାନେ ପୂର୍ଣ୍ଣବିଶ୍ୱାସରେ କୁହ ଯେ କ'ଣ ଏହିସବୁ କାମ ସେହି ଲୋକମାନଙ୍କର ହୋଇପାରେ ଯେଉଁମାନଙ୍କୁ ଜୋରଜବ୍ରଦସ୍ତି ମିସଲମାନ କରାଯାଇଥାଏ । ଯେଉଁମାନଙ୍କର ହୃଦୟ ତ କାଫିର୍ (ଅର୍ଥାତ ଅମାନ୍ୟକାରୀ) କିନ୍ତୁ ମୁଁହର ବୋଲି ମୋମିନ୍ ? ନୁହେଁ ବରଂ ଏହା ସେମାନଙ୍କର କାମ ଯେଉଁମାନଙ୍କ ହୃଦୟ ଇମାନର ଜ୍ୟୋତିରେ ପରିପୂର୍ଣ୍ଣ ହୋଇଥାଏ ଓ ଯେଉଁମାନଙ୍କ ହୃଦୟରେ ଈଶ୍ୱର ହିଁ ଈଶ୍ୱର ଥାଆନ୍ତି ।" (ପୈଗାମେ ସୁଲାହ୍ ରୁହାନୀ ଖଜାଇନ୍ ଖ-୨୩ ପୃ-୪୬୮-୪୬୯)

ଏହିସବୁ ପବିତ୍ର କୁରଆନୀୟ ଆୟତ ତଥା ପବିତ୍ର ବଚନର ଆଲୋକରେ ଏହା ତ ପ୍ରମାଣ ହୋଇଗଲା ଯେ ମୁରତଦର ସଜା ମୃତ୍ୟୁଦଣ୍ଡ ନୁହେଁ । ଏବେ ପ୍ରଶ୍ନ ଉଠୁଛି ଯେ ଯଦି ମୁର୍ତଦର ସଜା ମୃତ୍ୟୁ ନୁହେଂ ତାହେଲେ ହଜରତ୍ ଅବୁବକର୍ ର ଅ ମୁର୍ତଦ ହୋଇଯାଇଥିବା ଲୋକମାନଙ୍କୁ କାହିଁକି ହତ୍ୟାକରାଇଲେ ବା ହତ୍ୟାକରିବା ପାଇଁ ଆଦେଶ ଦେଲେ ?

ବାସ୍ତବିକତା ହେଉଛି ଏହା କି ଇତିହାସକୁ ଅଧ୍ୟୟନ କଲେ ସହଜରେ ଜାଣିପାରିବେ ଯେ ହଜରତ୍ ଅବୁବକର୍ ର ଅ ଙ୍କ ଖିଲାଫତ୍ ସମୟରେ ମୁରତଦ୍ ହୋଇଥିବା ଲୋକମାନେ ନା କେବଳ ମୁରତଦ୍ ଥିଲେ ବରଂ ସେମାନେ ବିଦ୍ରୋହୀ ଥିଲେ ଏବଂ ରକ୍ତପିପାଷୁ ବିଦ୍ରୋହୀ ଥିଲେ । ଯେଉଁମାନେ ନା କେବଳ ମଦିନା ଉପରେ ଆକ୍ରମଣ କରି ମୁସଲମାନମାନଙ୍କୁ ହତ୍ୟାକରିବାର ଭୟଙ୍କର ଯୋଜନା କରିଥିଲେ ବରଂ ବିଭିନ୍ନ ଇଲାକାରେ ମୁସଲମାନମାନଙ୍କୁ ଧରି ନିର୍ଦ୍ଦୟଭାବରେ ହତ୍ୟାକରିଥିଲେ । ସେମାନଙ୍କ ଅଙ୍ଗ ପ୍ରତ୍ୟଙ୍ଗକୁ କାଟି ସେମାନଙ୍କୁ ମରାଯାଇଥିଲା । ମୁସଲମାନମାନଙ୍କୁ ଜୀବନ୍ତ ଜାଳିଦେଲେ । ଏହି ମୁରତଦ୍ଦୀନ୍ ମାନେ ଅତ୍ୟାଚାରୀ, ହତ୍ୟାକାରୀ, ବିଦ୍ରୋହୀ ଓ ଲୁଟତରାଜ ଭଳି ଭୟଙ୍କର ଅପରାଧୀ ଥିଲେ । ଯେଉଁଥିପାଇଁ ନିଜର ପ୍ରତିରକ୍ଷା ନିମନ୍ତେ ତଥା ପ୍ରତିଶୋଧମୂଳକ ପ୍ରତିକାର ସ୍ୱରୁପ ସେହି ଯୁଦ୍ଧଖୋର ମନବୃତି ରଖିଥିବା ଲୋକମାନଙ୍କ ସହିତ ଯୁଦ୍ଧ କରାଯାଇଥିଲା ଏବଂ **ଜଜାଉ ସୟିଅତିନ୍ ସୟିଅତୁମ୍ ମିସ୍‌ଲୁହା** ଅନ୍ତର୍ଗତ ସେମାନେ ଯେଉଁଭଳି ଅପରାଧ କରିଥିଲେ ସେମାନଙ୍କୁ ବି ସେହିଭଳି ସଜା ଦେଇ ହତ୍ୟାକରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁତରାଂ ଇତିହାସ ଓ ସିରତ ପୁସ୍ତକଗୁଡିକରୁ କିଛି ବିବରଣୀ ଉପସ୍ଥାପନ କରାଯାଉଅଛି ।

ତାରିଖ୍ ଖାମିସରେ ଉଲ୍ଲେଖ ରହିଛି ଯେ ଖାରିଜା ବିନ୍ ହିସନ୍ ଯିଏ ମୁରତଦ୍ଦୀନ୍ ମାନଙ୍କ ମଧ୍ୟରେ ଥିଲା , ସେ ନିଜ କୌମର କିଛି ବାହନକୁ ସାଥିରେ ଧରି ମଦିନା ଆଡକୁ ବାହାରିଲା । ସେ ଚାହୁଁଥିଲା ଯେ ମଦିନାବାସୀଙ୍କୁ ଯୁଦ୍ଧ କ୍ଷେତ୍ରକୁ ବାହାରିବା ପୂର୍ବରୁ ହିଁ ରୋକିଦେବ ଅଥବା ସେମାନଙ୍କ ଅବହେଳାର ସୁଯୋଗ ନେଇ ସେମାନଙ୍କ ଉପରେ ଆକ୍ରମଣ କରିଦେବ । ସୁତରାଂ ସେ ହଜରତ୍ ଅବୁବକର୍ ର ଅ ଓ ଅବୁବକର୍ ର ଅଙ୍କ ସାଥିରେ ଥିବା ମୁସଲମାନମାନଙ୍କ ଉପରେ ସେତେବେଳେ ଛାପାମାରିବ ଯେତେବେଳେ ସେମାନେ ଅଚେତାବସ୍ଥାରେ ଥିବେ । ***(ତାରିଖୁଲ୍ ଖମିସ୍ ଖ-୩ ପୃ-୧୭୩ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ୨୦୦୯)***

ମୁରତଦ୍ଦୀନ୍‌ମାନେ ନା କେବଳ ମଦିନା ଉପରେ ଆକ୍ରମଣ କରିଥିଲେ ବରଂ ଯେବେ ହଜରତ୍ ଅବୁବକର୍ ର ଅ ସେମାନଙ୍କୁ ପରାଜିତ କଲେ ସେତେବେଳେ ସେମାନେ ସେହି ସଚ୍ଚା ବିଶ୍ୱାସୀ ମୁସଲମାନମାନଙ୍କୁ ମଧ୍ୟ ମାରିଦେଲେ ଯେଉଁମାନେ ସେହି କୌମରେ ବସବାସ କରୁଥିଲେ । ଗତ ଖୁତବାରେ ମୁଁ ସେ ବିଷୟରେ ଚର୍ଚ୍ଚା କରିସାରିଛି ଯେ ଯେଉଁ ମୁସଲମାନମାନେ ନିଜ କୌମର ଲୋକମାନଙ୍କ ମୁରତଦ୍ ହୋଇଯିବା ସତ୍ତ୍ୱେ ବି ଇସଲାମ ଉପରେ ପ୍ରତିଷ୍ଠିତ ଥିଲେ ।

ସୁତରାଂ ଅଲାମା ତିବରୀ ଲେଖିଛନ୍ତି ଯେ ଯେବେ ହଜରତ୍ ଅବୁ ବକର୍ ବିଭିନ୍ନ ଆକ୍ରମଣକାରୀ କବିଲାଗୁଡିକୁ ପରାସ୍ତ କଲେ ସେତେବେଳେ ବନୁ ଜୁବିୟାନ୍ ଏବଂ ଅବସ୍ ସେହି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ ଯେଉଁମାନେ ସେମାନଙ୍କ ଗହଣରେ ରହୁଥିଲେ । ସେମାନଙ୍କୁ ଯେଣତେଣ ପ୍ରକାରଣେ ହତ୍ୟା କଲେ । ସେମାନଙ୍କ ପରେ ଅନ୍ୟ କୋମଗୁଡିକ ବି ସେମାନଙ୍କ ପଦାଙ୍କ ଅନୁସରଣ କଲେ । ଅର୍ଥାତ ସେମାନେ ବି ସେହି ଅତ୍ୟାଚାରୀ ଲୋକମାନଙ୍କ ସଦୃଶ ଇସଲାମରେ ପ୍ରତିଷ୍ଠିତ ଥିବା ଲୋକମାନଙ୍କୁ ହତ୍ୟା କରିଲେ । ***(ତାରିଖେ ତିବରୀ ଖ-୨ ପୃ-୨୫୬ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)***

ଅଲାମା ଇବନେ ଅସିର୍ ଉଲ୍ଲେଖ କରିଛନ୍ତି ଯେ ଅବସ୍ ତଥା ବନୁ ଜୁବୟାନ୍ କବିଲା ନିଜ ଭିତରେ ଥିବା ନିରସ୍ତ୍ର ଲୋକମାନଙ୍କୁ ବଡ ଭୟଙ୍କର ଭାବରେ ହତ୍ୟା କରିବା ଆରମ୍ଭ କରିଦେଲେ । ସେମାନଙ୍କ ଦେଖାଦେଖି ଅନ୍ୟ କବିଲାଗୁଡିକ ବି ସେହିପରି କରିବାକୁ ଲାଗିଲେ । ଏଥିରେ ହଜରତ୍ ଅବୁ ବକର୍ ର ଅ ରାଣ ଖାଇଲେ ଯେ ସେ ସେହି ସମସ୍ତ କବିଲାର ସେହି ଲୋକମାନଙ୍କୁ ନିଶ୍ଚିତ ରୂପେ ମାରିବେ ଯେଉଁମାନେ ମୁସଲମାନମାନଙ୍କୁ ହତ୍ୟାକରିଛନ୍ତି । (ଅଲବିଦାୟାଃ ୱନ୍ ନହାୟାଃ ଲେଇବନେ କସିର୍ ଖ-୩ ଭାଗ-୬ ପୃ-୩୧୦ .......ବେରୁତ୍)

ଯେମିତି କି ବର୍ଣ୍ଣନା କରାଯାଇଥିଲା ଯେ ଆଁହଜରତ୍ ସ ଆ ସ ଙ୍କ ଦେହାନ୍ତ ପରେ ଯେଉଁ କବିଲାଗୁଡିକ ମୁରତଦ୍ ହୋଇଯାଇଥିଲେ , ସେମାନଙ୍କର ଏପରି ମୁରତଦ୍ ହୋଇଯିବାରେ ତାହା କେବଳ ଧାର୍ମିକ ମତଭେଦ ଭିତରେ ସୀମିତ ନଥିଲା ବରଂ ସେମାନେ ଇସଲାମୀୟ ରାଜତ୍ୱ ସହିତ ବିଦ୍ରୋହ କରିଥିଲେ । ତରବାରୀକୁ ନିଜ ହାତରେ ଧରିଥିଲେ । ପବିତ୍ର ମଦିନା ଉପରେ ଆକ୍ରମଣ କରିଥିଲେ । ନିଜ କୌମର ଥିବା ମୁସଲମାନମାନଙ୍କୁ ହତ୍ୟା କରିଥିଲେ । ସେହି ମୁସଲମାନମାନଙ୍କୁ ନିଆଁରେ ପକାଇଦେଲେ । ସେମାନଙ୍କର ମୃତ ଶରିରକୁ କାଟି ଛିନ୍ନଭିନ୍ନ କରିଦେଲେ । ତାରିଖ୍ ତିବରୀ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କ ବିଷୟରେ ଉଲ୍ଲେଖ ରହିଛି ଯେ ଯେବେ ଅସଦ୍ , ଗତଫାନ୍ , ହୱାଜିନ୍ , ସୁଲୈମ୍ ଏବଂ ତୈଇ କବିଲାଗୁଡିକ ପରାସ୍ତ ହେଲେ ସେତେବେଳେ ଖାଲିଦ୍ ବିନ୍ ୱଲିଦ୍ ର ଅ ସେମାନଙ୍କ କ୍ଷମାକୁ ଗ୍ରହଣ କଲେ ନାହିଁ । କେବଳ ସେହି ଲୋକମାନଙ୍କୁ ଆପଣଙ୍କ ନିକଟକୁ ଘେନି ଆଣିବେ ଯେଉଁମାନେ ମୁରତଦ୍ ହେବା

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 26 May 2022 Issue No. 21

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)


ଅବସ୍ଥାରେ ମୁସଲମାନମାନଙ୍କୁ ନିଆଁରେ ପକାଇ ଜଳାଇଥିଲେ ଓ ସେମାନଙ୍କୁ ମୁସଲା କରିଥିଲେ ଏବଂ ସେମାନଙ୍କ ଉପରେ ଅତ୍ୟାଚାର କରିଥିଲେ । ***(ତାରିଖେ ତିବରୀ ଖ-୨ ପୃ-୨୬୫ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଅଲାମା ଇବନେ ଖୁଲଦୁନ୍ ଲେଖିଛନ୍ତି ଯେ ଆରବର ଦ୍ୱୀପପୁଞ୍ଜରେ ଏହି ମୁରତଦ୍ ହୋଇଯାଇଥିବା କବିଲାଗୁଡିକ ମଦିନା ଆଡକୁ ବାହାରିଲେ ଯଦ୍ୱାରା ହଜରତ୍ ଅବୁ ବକର୍ ର ଅ ଏବଂ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିପାରିବେ । (***(ତାରିଖେ ଇବନେ ଖୁଲଦୁନ୍ ଖ-୨ ପୃ-୪୩୬ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୬)***

ତାରିଖେ ତିବରୀରେ ଉଲ୍ଲେଖ ଅଛି ଯେ ସର୍ବପ୍ରଥମେ ଅବସ ଏବଂ ଜୁବୟାନ୍ କବିଲା ଆକ୍ରମଣ କରିଥିଲେ । ସୁତରାଂ ହଜରତ୍ ଅବୁବକର୍ ର ଅ ଙ୍କୁ ହଜରତ୍ ଉସାମାଃଙ୍କ ଆସିବା ପୂର୍ବରୁ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ପଡିଥିଲା । (ତାରିଖେ ତିବରୀ ଲେଇବନେ ଜରିର ତିବରୀ ପୃ-୨୫୪ ......ଦାରୁଲ୍ ଫିକ୍ର୍ ୨୦୦୨)

ଅଲ୍ଲାମା ଇବନେ ଖୁଲ୍ଦୁନ୍ ଲେଖିଛନ୍ତି ଯେ ରବିୟା କବିଲା ମୁରତଦ୍ ହୋଇଗଲା ଓ ସେ ମୁନଜିର୍ ବିନ୍ ନୁମାନ୍ କୁ ଛିଡାକଲେ, ଯାହାର ନାମ ମଗରୁର୍ ଭାବରେ ପ୍ରଶିଦ୍ଧ ଥିଲା । ସେମାନେ ତାକୁ ରାଜା ବନାଇଦେଲେ ।(ତାରିଖେ ଇବନେ ଖୁଲ୍ଦୁନ୍ ଖ-୨ ପୃ-୪୩୯-୪୪୦ ......ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୬)

ସହି ବୁଖାରୀର ବ୍ୟାଖ୍ୟାକାରୀ ଅଲାମା ଅଇନି ଲେଖିଛନ୍ତି ଯେ ହଜରତ୍ ଅବୁବକର୍ ର ଅ ଜକାତ ଦେବାକୁ ମନାକରୁଥିବା ଲୋକମାନଙ୍କ ସହିତ କେବଳ ଏଥଯୋଗୁଁ ଯୁଦ୍ଧ କରିଥିଲେ ଯେ ସେମାନେ ତରବାରୀ ଜରିଆରେ ଜକାତକୁ ପ୍ରତ୍ୟାଖ୍ୟାନ କଲେ ଓ ଇସଲାମ୍ ଧର୍ମ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ଆଗେଇଆସିଲେ । (ଉମଦତୁଲ୍ କାରି.........ଖ-୨୪ ପୃ-୧୨୨ ଦାରୁଲ୍ କୁତୁବୁଲ୍ ଅଲମିୟା ୨୦୦୧ )

ଅଲ୍ଲମା ଶୌକାନି ବର୍ଣ୍ଣନା କରିଛନ୍ତି ଯେ ଇମାମ ଖତାବି ନବି କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ମୁରତଦ ହୋଇଯାଇଥିବା ଲୋକମାନଙ୍କ ସମ୍ୱନ୍ଧରେ ତଥା ଜକାତ୍ ଇତ୍ୟାଦି ପଇଠ ନକରିବା ପାଇଁ ପଣ କରିଥିବା ଲୋକମାନଙ୍କ ସମ୍ୱନ୍ଧରେ ବିଭିନ୍ନ ବିଷୟ ଉଲ୍ଲେଖ କରିବା ପରେ ଲେଖିଛନ୍ତି ଯେ ସେହି ଲୋକମାନେ ବାସ୍ତବରେ ବିଦ୍ରୋହୀ ଥିଲେ । ସେମାନଙ୍କୁ ମୁରତଦ୍ କେବଳ ଏଇଥିପାଇଁ କୁହାଗଲା ଯେ ସେମାନେ ମୁରତଦ୍ ହୋଇଯାଇଥିବା ଲୋକମାନଙ୍କ ଗୋଷ୍ଠିରେ ସାମିଲ୍ ହୋଇଯାଇଥିଲେ । (ନୈଲୁଲ୍ ଅଓତାରୁଲ୍ ଅଲାମାଃ ମୁହମ୍ମଦ୍ ଅଶ୍ଶୁକାନୀ କିତାବୁଜ ଜକାତ୍ ପୃ-୭୨୪ ଦାରୁଲ୍ କିତାବୁଲ୍ ଅରବି ବେରୁତ୍ ୨୦୦୪)

ଜଣେ ଲେଖକ ବାରମ୍ୱାର ନିଜ ପୁସ୍ତକରେ ମୁରତଦ ହୋଇଯାଇଥିବା ଲୋକମାନଙ୍କ ନିମନ୍ତେ ବିଦ୍ରୋହୀ ଇତ୍ୟାଦି ଶବ୍ଦ ବ୍ୟବହାର କରିଛନ୍ତି । ସୁତରାଂ ସେ କହିଛନ୍ତି ଯେ ଯେବେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ହେବାର ଖବର ସାରା ଆରବରେ ବ୍ୟାପିଗଲା ଏବଂ ଚାରିଆଡେ ବିଦ୍ରୋହର ଅଗ୍ନୀ ଜଳିଉଠିଲା , ସେହି ବହ୍ନିର ପରିଧିରେ ସବୁଠାରୁ ଅଧିକା ୟମନ୍ ଇଲାକା ଥିଲା । ଯଦିଓ ନିଆଁ ଭଡକାଇବାବାଲା ବ୍ୟକ୍ତି ଅନସି ହତ୍ୟା ହୋଇସାରିଥିଲା । ବନୁ ହନିଫାରେ ମୁସଲେମା ଏବଂ ବନୁ ଅସଦ୍ ରେ ତୁଲୈହା ନବୁଓ୍ୱତ୍ ର ଦାବି କରି ହଜାର ହଜାର ଲୋକମାନଙ୍କୁ ନିଜ ସହିତ ମିଶାଇ ଦେଇଥିଲେ ଓ ଲୋକମାନେ କହିବା ଆରମ୍ଭ କରିଦେଲେ ଯେ ଅସଦ୍ ଏବଂ ଗତଫାନ୍ ର ବନ୍ଧୁ କବିଲାମାନଙ୍କ ନବି ଆମକୁ କୁରୈଶର ନବିଠାରୁ ଅଧିକ ପ୍ରିୟ । କାରଣ ମୁହମ୍ମଦ୍ (ସ ଆ ସ) ଙ୍କର ଦେହାନ୍ତ ହୋଇସାରିଛି । ଯେବେକି ତୁଲୈହା ଜୀବିତ ଅଛି । ଯେତେବେଳେ ଏପରି ବିଦ୍ରୋହର ଖବର ହଜରତ୍ ଅବୁବକର୍ ର ଅ ଙ୍କୁ ମିଳିଲା ସେ କହିଲେ ଯେ ଆମକୁ ସେପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ଯେପର୍ଯ୍ୟନ୍ତ ସେ ଇଲାକାର ଉମ୍ମାଲ୍ (ଇସଲାମୀୟ କର୍ମକର୍ତାମାନେ)ଏବଂ ସେ ଇଲାକାର ଅମୀରମାନଙ୍କ ତରଫରୁ ସମସ୍ତ ଘଟଣାବଳୀର ସମ୍ପୂର୍ଣ୍ଣ ରିପୋର୍ଟ ହସ୍ତଗତ ନ ହୋଇଯାଇଛି । ଅଧିକଦିନ ବିତିନଥିଲା ଯେ ଅମୀରମାନଙ୍କ ତରଫରୁ ରିପୋର୍ଟ ହସ୍ତଗତ ହେବାକୁ ଲାଗିଲା । ସେହି ରିପୋର୍ଟମାନଙ୍କରୁ ସ୍ୱଷ୍ଟ ଜଣାପଡୁଥିଲା ଯେ ବିଦ୍ରୋହି ମାନଙ୍କ ଜରିଆରେ ନା କେବଳ ରାଜ୍ୟର ଶାନ୍ତି ବିପଦରେ ଥଲା ବରଂ ସେହି ଲୋକମାନଙ୍କ ଜୀବନକୁ ବି ଭିଷଣ ବିପଦ ଥିଲା । ଯେଉଁମାନେ ଇରତାଦର ସେହି ପ୍ରବାହରେ ବିଦ୍ରୋହିମାନଙ୍କ ସହିତ ନଥିଲେ ଓ ସେମାନେ ବିଦ୍ରୋହୀମାନଙ୍କୁ କିଛି ସାହାଯ୍ୟ ସହଯୋଗ କରିନଥିଲେ ଓ ଇସଲାମ୍ ଉପରେ କାଏମ୍ (ପ୍ରତିଷ୍ଠିତ)ରହିଥିଲେ । ଏପରି ପରିସ୍ଥିତିରେ ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅଙ୍କ ପାଇଁ ବିଦ୍ରୋହୀମାନଙ୍କୁ ସମସ୍ତ ବଳ ଖଟାଇ ଦମନ କରି କାବୁ କରିବା ବ୍ୟତୀତ ଆଉ କୌଣସି ଉପାୟ ହିଁ ନଥିଲା । (ହଜରତ୍ ଅବୁବକର୍ର ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ ହୁସୈନ୍ ହୈକଲ୍ ମୁତରଜିମ୍ ପୃ-୧୩୧ ଇଲ୍ମୋ ଇରଫାନ୍ ପବଲିଶର୍ସ୍ ଲାହୋର୍)

ଆଉଜଣେ ଲେଖକ ଲେଖିଛନ୍ତି ଯେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ପରେ ଆରବର ବହୁତ ସରଦାର୍ ମୁରତଦ୍ ହୋଇଗଲେ । ପ୍ରତ୍ୟେକ ନିଜ ନିଜ ଇଲାକାରେ ସ୍ୱାଧୀନ ହୋଇଗଲେ । ଗବେଷକମାନଙ୍କ ମୁତାବକ ଏହି ଇରତାଦ୍ ଅଧିକାଂଶ ରାଜନୈତିକ ଥିଲା । ଧାର୍ମିକ ବହୁତ କମ୍ ଥିଲା । ନବି କରିମ୍ ସ ଆ ସ ଙ୍କ ଏହି ସାଂସାରୀକ ଜୀବନର ଶେଷ ଦିନରେ କିଛି କବିଲାଗୁଡିକର ଲିଡରମାନେ ନିଜ ବିଦ୍ରୋହର ଏହି ରାଜନୈତିକ ଅଭିଳାଷକୁ ଧାର୍ମିକ ରଙ୍ଗ ଦେବା ପାଇଁ ନବୁଓ୍ୱତର ଦାବି କରିଦେଲେ । (ଖୁଲୁଫାଏ ରାଶେଦିନ୍ ଅଜ୍ ହକିମ୍ ମୁହମ୍ମଦ୍ ଜଫର୍ ପୃ-୫୮ ....ଲାହୋର୍)

ସେ ଯାହାବି ହେଉ ନା କାହିଁକି ଏହି ବିଷୟବସ୍ତୁ ଏବେ ଜାରିରହିଛି ଇନଶାଅଲ୍ଲାଃ ଏହାର ବଳକାଂଶ ଆସନ୍ତାକୁ ଉପସ୍ଥାପନ କରାଯିବ ।

ଏହି ସବୁ ଐତିହାସିକ ପ୍ରସଙ୍ଗର ସାରାଂସ ହେଉଛି ଏହା କି ମୁରତଦ୍ ହୋଇଯାଇଥିବା କବିଲାଗୁଡିକ ଜକାତର ମାଲକୁ ରୋକି ଦେଇଥିଲେ । ଅର୍ଥାତ ସରକାରଙ୍କ ଟ୍ୟାକ୍ସ ବଳପୂର୍ବକ ରୋକିଦେଇଥିଲେ । କିଛି ସ୍ଥାନରେ ଜକାତର ମାଲକୁ ଲୁଟି ନେଇଥିଲେ । ସେନା ପ୍ରସ୍ତୁତ କରିଥିଲେ । ଦାରୁଲ୍ ଖିଲାଫାଃ ମଦିନା ଉପରେ ଆକ୍ରମଣ କରିଥିଲେ । ଯେଉଁ ମୁସଲମାନମାନେ ମୁରତଦ୍ ହେବାପାଇଁ ମନାକରିଦେଲେ ସେମାନଙ୍କୁ ହତ୍ୟାକଲେ । କିଛି ଲୋକଙ୍କୁ ତ ନିଆଁରେ ଜୀବନ୍ତ ଜଳାଇଦେଲେ । ସୁତରାଂ ଏହି ପ୍ରକାରର ମୁରତଦ୍ ମାନେ ସରକାରଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଉଠାଇ ବିଦ୍ରୋହ କରିବା , ସରକାରଙ୍କ ମାଲକୁ ଲୁଟତରାଜ କରିବା , ମୁସଲମାନମାନଙ୍କୁ ହତ୍ୟା କରିବା ଏବଂ ଜୀବନ୍ତ ଜଳାଇଦେବା ଆଧାରରେ ମୃତ୍ୟୁଦଣ୍ଡ ପାଇବାର ଅଧିକାରୀ ହୋଇଯାଇଥିଲେ । ଯେମିତିକି ପବିତ୍ର କୁରଆନରେ ଏ ନିର୍ଦ୍ଦେଶ ରହିଛି ଯେ ଜଜାଉ ସୟିଅତିନ୍ ସୟିଅତୁମ୍ ମିସ୍ଲୁହା (ଶୁରା :୪୧) ଅର୍ଥାତ ଅପରାଧି ଯେଉଁପ୍ରକାରର ଅପରାଧ କରିଥାଏ ତାକୁ ସେହିପ୍ରକାରର ଦଣ୍ଡ ଦିଅ । ଆଉ ଏକ ସ୍ଥନରେ କୁହାଯାଇଅଛି ଇନ୍ନମା ଜଜାଉଲ୍ ଲଜିନ୍ ୟୁହାରିବୁନଲ୍ଲାହା ..........ୟୁନ୍ଫଓ ମିନଲ୍ ଅର୍ଜି (ଅଲମାଏଦାଃ :୩୪) ଅର୍ଥାତ ଯେଉଁମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ବିରୁଦ୍ଧରେ ଯୁଦ୍ଧ କରନ୍ତି ଓ ଦେଶ ଭିତରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ସେମାନଙ୍କୁ ହତ୍ୟା କରିବା ବା ଶୂଳି ଦେବା ବା ଶତୃତା ଯୋଗୁଁ ସେମାନଙ୍କର ହାତ ଓ ଗୋଡକୁ କାଟି ଦେବା ବା ସେମାନଙ୍କୁ ଦେଶରୁ ବହିଷ୍କାର କରିବା ସେମାନଙ୍କ ପାଇଁ ନିଶ୍ଚୟ ଉପଯୁକ୍ତ ଶାସ୍ତି ଅଟେ । ଏଠାରେ ଅଲ୍ଲାଃଙ୍କ ସହିତ ଯୁଦ୍ଧ କରାଯାଇନପାରେ । ଏହାର ଅର୍ଥ ଏମିତି ହେବ ଯେ ଯେଉଁ ଲୋକମାନେ ରସୁଲ୍ ତଥା ରସୁଲଙ୍କ ଖଲିଫା ବା ଇସଲାମୀୟ ସରକାର ସହିତ ଯୁଦ୍ଧ କରିବେ । ଏହାର ବ୍ୟାଖ୍ୟା ଏପରି ହେବ ଯେ ଯେଉଁଲୋକମାନେ ଅଲ୍ଲାଃ ଓ ରସୁଲଙ୍କ ସହିତ ଯୁଦ୍ଧ କରିଥାନ୍ତି ଅର୍ଥାତ ଦେଶରେ ଅରାଜକତା ଓ ବିଭ୍ରାଟ ସୃଷ୍ଟି କରିଥାନ୍ତି , ହତ୍ୟା , ଲୁଟତରାଜ , ଅସ୍ତ୍ର ଶସ୍ତ୍ର ଧରି ବିଦ୍ରୋହ କରିଥାନ୍ତି ସେମାନଙ୍କୁ ଏଦଣ୍ଡ ମିଳିବ ଯେ ୟୁକତ୍ତଲୁ ଅଓ ୟୁସଲ୍ଲବୁ ଅର୍ଥାତ ସେମାନଙ୍କୁ କଠୋର ମୃତ୍ୟୁଦଣ୍ଡ ଦିଆଯାଉ ବା ଶୂଳିରେ ଟାଙ୍ଗି ମାରିଦିଆଯାଉ । ସେ ଯାହା ହେଉ ନା କାହିଁକି ଯେମିତିକି ମୁଁ କହିଲି ଅଳ୍ପ କିଛି ମୁଁ ଆଗକୁ ବର୍ଣ୍ଣନା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.....*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ୱନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan